ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୯ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 50 | 11 - 17 December 2022 | Sambalpur | Page- 8 | Invitation Price Rs.10


# ପଦ୍ମପୁରରେ ବିଜେଡ଼ିର ବାଜିମାତ୍

ବରଗଡ଼ : ଗତ କିଛିଦିନ ଧରି ପଦ୍ମପୁର ଉପନିର୍ବାଚନକୁ ନେଇ ଯେଉଁ ଚର୍ଚ୍ଚା ହେଉଥିଲା ତାହା ଭୁଲ ପ୍ରମାଣିତ ହୋଇଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମ୍ୟାଜିକ୍ ଆଗରେ ବିରୋଧୀ ଚିତ୍‌ପଟାଙ୍ଗ ମାରିଛନ୍ତି । ବିଜେଡି ପ୍ରାର୍ଥୀ ରେକର୍ଡ ବ୍ୟବଧାନରେ ଭାଜପା ପ୍ରାର୍ଥୀଙ୍କୁ ପରାଜିତ କରିଛନ୍ତି । ନିର୍ବାଚନରେ କଂଗ୍ରେସ ଅମାନତ ହରାଇଛି । ପଦ୍ମପୁରକୁ ହାତେଇବାକୁ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେଉଥିଲା । ଧାମନଗର ବିଜୟ ପରେ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ଏକ ନୂଆ ଉତ୍ସାହ ଭରି ଯାଇଥିଲା । ପଦ୍ମପୁରରେ ଧାମନଗର ଭଳି ବିଜେଡିକୁ ମାତ୍ ଦେବା ପାଇଁ ଭାଜପା ରାଜ୍ୟ ନେତୃତ୍ୱ ଅଣ୍ଟା ଭିଡ଼ିଥିଲେ । ସେଥିପାଇଁ ଦଳ ରଣକୌଶଳ ପ୍ରସ୍ତୁତ କରିଥିଲା । ଚାଷୀ, ରେଳ ପ୍ରକଳ୍ପ ପ୍ରସଙ୍ଗ ସହିତ ବିଜେଡି ପ୍ରାର୍ଥୀଙ୍କୁ ବାହାର ଜିଲାର କହି ନିଜ ସପକ୍ଷରେ ଭୋଟ ନେବା ଲାଗି ପ୍ରୟାସ କରିଥିଲା । ଯଦିଓ ଭାଜପା ନିଜର ଭୋଟ ଗତ ନିର୍ବାଚନ ତୁଳନାରେ ପ୍ରାୟ ସମାନ ରଖିଛି ତେବେ ବିଜୟ ସମ୍ଭାବନାକୁ ନିଜ ସପକ୍ଷରେ ନେବାରେ ସମର୍ଥ ହୋଇନାହିଁ । ଅନ୍ୟପକ୍ଷରେ କଂଗ୍ରେସର ଦୁର୍ବଳ ପ୍ରତିଦ୍ୱନ୍ଦିତା ବିଜେଡିକୁ ସୁହାଇଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । କଂଗ୍ରେସ ଭୋଟ ବିଜେଡି ନିଜ ସପକ୍ଷରେ ନେବାରେ ସଫଳ ହୋଇଥିବା କୁହାଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଘୋଷଣା ସାଙ୍ଗକୁ ଚାଷୀଙ୍କ ପାଇଁ ଇନ୍‌ପୁଟ ସବ୍‌ସିଡି, କୁଲତା ଏବଂ ମେହେର ସମାଜ ପାଇଁ ଜମି ଓ ଧର୍ମଶାଳା ଯୋଗାଇ ଦେବା ଭଳି ଅନେକ ପ୍ରତିଶ୍ରୁତି ବିଜେଡିକୁ ଫାଇଦା ଦେଇଛି । ତେବେ ଧାମନଗର ଉପନିର୍ବାଚନରେ ହାରିଯିବା ପରେ ମୁଖ୍ୟମନ୍ତ୍ରୀ ଅନ୍ୟ କାହା ଉପରେ ଭରସା ନ କରି ନିଜେ ନିର୍ବାଚନ କାର୍ଯ୍ୟକୁ



ତଦାରଖ କରୁଥିଲେ । ବିଜେଡିର ୧୦ରୁ ଉର୍ଦ୍ଧ୍ୱ ମନ୍ତ୍ରୀ ଓ ୬୦ରୁ ଉର୍ଦ୍ଧ୍ୱ ବିଧାୟକ ପଦ୍ମପୁରରେ ରହି

## ପୁଣି ନବୀନ ମ୍ୟାଜିକ୍

ନିର୍ବାଚନ କାର୍ଯ୍ୟକୁ ପରିଚାଳନା କରୁଥିଲେ । ବିଧାନସଭା ଚାଲୁଥିଲେ ମଧ ସେମାନେ ପଦ୍ମପୁରରେ ରହି ନିର୍ବାଚନ ରଣନୀତି ପ୍ରସ୍ତୁତ କରିଥିଲେ । ତେବେ ଏହି ନିର୍ବାଚନରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଉଭୟ ଭାଜପା ଓ ବିଜେଡି ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ ।

ପଦ୍ମପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ୪୨,୬୭୯ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି । ଭୋଟ ଗଣତିର ଚୂଡ଼ାନ୍ତ ରାଉଣ୍ଡ ପରେ ବର୍ଷାଙ୍କୁ ମୋଟ ୧ ଲକ୍ଷ ୨୦ ହଜାର ୮୦୭ ଖଣ୍ଡ ଭୋଟ୍ ମିଳିଥିବା ବେଳେ ପୁରୋହିତଙ୍କୁ ୭୮ ହଜାର ୧୨୮ ଖଣ୍ଡଭୋଟ୍ ମିଳିଛି । ଉପନିର୍ବାଚନରେ କଂଗ୍ରେସ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛି । କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ମାତ୍ର ୩,୫୯୪ ଖଣ୍ଡ ଭୋଟ୍ ପାଇଛନ୍ତି । ସେହିପରି ନୋଟାରେ ୨୦୮୭ ଖଣ୍ଡ ଭୋଟ ପଡିଥିବା ବେଳେ ଅନ୍ୟ ପ୍ରାର୍ଥୀମାନଙ୍କୁ ଭୋଟ ମିଳିଛି । ତେବେ ବିଜେଡି ଚଳିତ ଉପନିର୍ବାଚନରେ ପୂର୍ବ ରେକର୍ଡକୁ କାଟି ବହୁ ଆଗକୁ ଯାଇଛି । ୨୦୧୯ ବିଧାନସଭା ନିର୍ବାଚନରେ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହା ୮୩,୨୯୯ ଖଣ୍ଡ ଅର୍ଥାତ୍ ସମୁଦାୟ ଭୋଟରୁ ୪୧, ୨୯ ପ୍ରତିଶତ ପାଇଥିବା ବେଳେ ବର୍ଷାଙ୍କୁ ଉପନିର୍ବାଚନରେ ୧୭ ପ୍ରତିଶତରୁ ଅଧିକ ଭୋଟ ମିଳିଛି । ଭାଜପାର ଭୋଟ ପ୍ରତିଶତ ପ୍ରାୟ ସ୍ଥିର ରହିଛି । ଗତ ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ପୁରୋହିତଙ୍କୁ ୭୭,୫୬୫ ଖଣ୍ଡ ଭୋଟ ମିଳିଥିଲା । ଅର୍ଥାତ୍ ସମୁଦାୟ ଭୋଟରୁ ଭାଜପାକୁ ୩୮.୪ ପ୍ରତିଶତ ମିଳିଥିବା ବେଳେ ଚଳିତ ନିର୍ବାଚନରେ ସାମାନ୍ୟ ହ୍ରାସ ହୋଇ ୩୭.୫୧ ପ୍ରତିଶତ ହୋଇଛି । ତେବେ କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ହୋଇଛି । ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ୩୨,୭୮୭ ଖଣ୍ଡ ଭୋଟ ପାଇଥିଲେ । ଏହା ସମୁଦାୟ ଭୋଟର ୧୬.୨୫ ପ୍ରତିଶତ ଥିଲା । ତେବେ ଚଳିତ ଉପନିର୍ବାଚନରେ ଦଳ ଏକପ୍ରକାର ଧରାଶାୟୀ ହୋଇଯାଇଛି । ଦଳୀୟ ପ୍ରାର୍ଥୀଙ୍କୁ ମାତ୍ର ୧.୭୩ ପ୍ରତିଶତ ଭୋଟ ମିଳିଛି । ଭାଜପା ଗତ ନିର୍ବାଚନରେ ପାଇଥିବା ଭୋଟକୁ ନିଜ ସପକ୍ଷରେ ରଖିବାରେ ସମର୍ଥ ହୋଇଥିବା ବେଳେ କଂଗ୍ରେସ ଭୋଟ ଅନ୍ୟ ଦଳକୁ ଚାଲିଯାଇଛି । ଧାମନଗର ଉପନିର୍ବାଚନରେ ପରାଜୟ ପରେ ପଦ୍ମପୁର ବିଜେଡି ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥିଲା । ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିଲା । ଭାଜପା ବିଜେଡିକୁ ପଛରେ ପକାଇ ଏହି ଆସନକୁ ହାସଲ କରିବା ନେଇ ସମସ୍ତ ପ୍ରକାର ରଣକୌଶଳ ଲଗାଇଥିଲେ ମଧ ତାହା କାମ ଦେଲା ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଯାଦୁ ନିକଟରେ ଭାଜପା ଟେକିପାରି ନାହିଁ । ବିଜେଡିକୁ ବଡ଼ ଭୋଟ ବ୍ୟବଧାନରେ ବିଜୟ ମିଳିଛି ।

# ଗୁଜରାଟରେ ୭ମ ଥର ପାଇଁ ବିଜେପି କ୍ଷମତାସୀନ

ନୂଆଦିଲ୍ଲୀ: ନିକଟରେ ଅନୁଷ୍ଠିତ ଗୁଜରାଟ ଓ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇଛି । ଗୁଜରାଟରେ ମୋଟ ୧୮୨ ବିଧାନସଭା ଆସନରୁ ବିଜେପି ୧୫୬ ଟିରେ ବିଜୟଲାଭ କରି ରାଜ୍ୟରେ ନୂଆ ଇତିହାସ ସୃଷ୍ଟି



କରିଛି । ବିଜେପି ଏଠାରେ ଲଗାତାର ଭାବେ ସପ୍ତମ ଥର ପାଇଁ କ୍ଷମତାସୀନ ହୋଇଛି । ସେପଟେ ହିମାଚଳ ପ୍ରଦେଶ ବିଜେପି ହାତରୁ ଖସିଯାଇଛି । ଏଠାରେ କଂଗ୍ରେସ ବହୁମତ ହାସଲ କରିଛି । ରାଜ୍ୟର ମୋଟ ୬୮ ଆସନ ମଧ୍ୟରୁ କଂଗ୍ରେସ ୪୦ଟିରେ ବିଜୟୀ ହେବା ସହ ସରକାର ଗଠନ କରିବାକୁ ଯାଉଛି । ରାଜ୍ୟରେ ପ୍ରତି ୫ ବର୍ଷରେ ଥରେ ସରକାର ପରିବର୍ତ୍ତନ ହେବାର ଧାରା ବଳବତ୍ତର ରହିଛି । ହିମାଚଳରେ ଆପ୍ ଖାତା ଖୋଲି ପାରି ନ ଥିଲା ବେଳେ ଗୁଜରାଟରେ ୧୨.୯୧% ଭୋଟ ପାଇ ଜାତୀୟ ଦଳ ଭାବେ ଉଭା ହୋଇଛି । ବିଜେପିକୁ ୫୨.୫୨%, କଂଗ୍ରେସକୁ ୨୭.୨୭% ଓ ଅନ୍ୟାନ୍ୟ ଦଳକୁ ୭.୩% ଭୋଟ ମିଳିଛି ।

ଗୁଜରାଟର ୧୮୨ ବିଧାନସଭା ଆସନରୁ ବିଜେପି ୧୫୬ଟିରେ ବିଜୟୀ ହୋଇଛି । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ତାଙ୍କ ମନ୍ତ୍ରୀମଣ୍ଡଳର ଯେଉଁ ମନ୍ତ୍ରୀମାନେ ନିର୍ବାଚନ ଲଢ଼ିଥିଲେ ସେମାନେ ସମସ୍ତେ ଜିତିଛନ୍ତି । ଗତ ୨୦୧୭ ନିର୍ବାଚନ ତୁଳନାରେ ବିଜେପିକୁ ଅଧିକ ୫୭ଟି ଆସନ ମିଳିଛି । ଗତ ନିର୍ବାଚନରେ ବିଜେପି ୯୯ଟି ଆସନ ପାଇଥିଲା । ଅନ୍ୟପକ୍ଷରେ ଗତଥର ଅପେକ୍ଷା ଚଳିତ ନିର୍ବାଚନରେ କଂଗ୍ରେସର ବିପୁଳ କ୍ଷତି ଘଟିଛି । ଦଳ ଚଳିତଥର ୬୦ଟି ଆସନ ହରାଇଛି । ଗତ ନିର୍ବାଚନରେ କଂଗ୍ରେସ ୭୭ ଆସନ ପାଇଥିଲା ବେଳେ ଏଥର ମାତ୍ର ୧୭ ଆସନ ଜିତିବାରେ ସକ୍ଷମ ହୋଇଛି । ସେହିଭଳି ଆପ୍ ୫ ଓ ଅନ୍ୟାନ୍ୟ ଦଳ ତଥା ସ୍ୱାଧୀନ ପ୍ରାର୍ଥୀ ୪ଟି ଆସନ ପାଇଛନ୍ତି । ଗୁଜରାଟରେ ବିଜେପି ନୂଆ ରେକର୍ଡ ସୃଷ୍ଟି କରିଛି । ୧୯୮୫ରେ କଂଗ୍ରେସ ୧୪୯ ଆସନ ପାଇଥିଲା ବେଳେ ୨୦୦୨ରେ ବିଜେପି ୧୨୭ ଆସନ ପାଇଥିଲା । ଚଳିତଥର ସେହି ରେକର୍ଡ ବିଜେପି ଭାଙ୍ଗିଛି ।

# ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ଦିଲ୍ଲୀରେ ଧାରଣା




ନୂଆଦିଲ୍ଲୀ: ସ୍ୱତନ୍ତ୍ର ହୀରାଖଣ୍ଡ ରାଜ୍ୟ ଏବଂ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ଦାବିରେ ଦିଲ୍ଲୀ ଜନ୍ତରମନ୍ତର ଠାରେ ଧାରଣା ଦିଆଯାଇଥିଲା । ପଶ୍ଚିମ ଓଡିଶାରୁ ଆସିଥିବା ବହୁ ମହିଳାଙ୍କ ସମେତ ଲୋକମାନେ ଏହି ଧାରଣାରେ ସାମିଲ ହୋଇଥିଲେ । ଦିଲ୍ଲୀର କେଇଜଣ ବ୍ୟକ୍ତି ଖବର ପାଇ ସ୍ୱଇଚ୍ଛାରେ ଏଥିରେ ସାମିଲ ହୋଇଥିଲେ । ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ଓ ହୀରାଖଣ୍ଡ ସାମ୍ମୁଖ୍ୟ ଆନୁକୂଲ୍ୟରେ ଏହି ଧାରଣା ଦିଆଯାଇଥିବା ବେଳେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତଥା ସଦସ୍ୟ ଏଥିରେ ଯୋଗ ଦେଇଥିଲେ । ପ୍ରଫୁଲ୍ଲ ହୋତାଙ୍କ ଆବାହକତ୍ୱରେ ଧାରଣାସ୍ଥଳରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ସଭାପତି ସରୋଜ ଦାଶ ଏବଂ ହୀରାଖଣ୍ଡ ସାମ୍ମୁଖ୍ୟର ସଭାପତି ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଙ୍ଗାଲୋରରୁ ଆସିଥିବା ବିଶ୍ୱଜିତ ପ୍ରଧାନ, ଦୀପକ କୁମାର ପଣ୍ଡା, ତ୍ରିବିକ୍ରମ ପ୍ରଧାନ, ପ୍ରଶାନ୍ତ ପାଟ୍ଟଯୋଶୀ, ସମାରୁ ମେହେର ପ୍ରମୁଖ ମଂଚାସୀନ ଥିଲେ । ସମଲେଶ୍ୱରୀଙ୍କ ପୂଜାରୁ ସଭା ପ୍ରାରମ୍ଭ ହୋଇଥିଲା । ସୌମ୍ୟଜିତ ବଡପଣ୍ଡା, ଗୋପାଳ ମିଶ୍ର, ବିଜୟଲକ୍ଷ୍ମୀ ବେହେରା, ମାନସ ବକ୍ସି, ଡାକ୍ତର ରାଜାରାମ ଷଡଙ୍ଗୀ, କଳ୍ପନା ମିଶ୍ର, ଅରବିନ୍ଦ ନାୟକ, ରାଜେନ୍ଦ୍ର ପଣ୍ଡା, ସୌରୀ ପାଣିଗ୍ରାହୀ, ବବଲୁ ବାଗ, ଯଶୋବନ୍ତୀ ନାୟକ, ପଙ୍କଜିନୀ ମେହେର, ତର୍ପଣ ପ୍ରଧାନ, ବୋଧ ରାମ ଦାଶ, ଏନ. ଗୋପାଳ, ବଚିତ୍ରା ବାଗ, ଶାଶ୍ୱତ ପଣ୍ଡା, ପ୍ରମୁଖ ଉଦ୍‌ବୋଧନ ଦେଇ ହୀରାଖଣ୍ଡ ରାଜ୍ୟ ଗଠନ ଓ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ଦାବି ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ସମ୍ବଲପୁରୀ ଭାଷାର ନାମ, ସ୍ୱାଭିମାନ, ସୁରକ୍ଷା, ପ୍ରଚାର ଓ ପ୍ରସାର ପାଇଁ ସାମୁହିକ ଶପଥପାଠ କରାଯାଇଥିଲା । ସମ୍ବଲପୁରୀ ସାମୂହିକ ନାଚ ପରିବେଷଣ ମଧ କରାଯାଇଥିଲା । ଏ ସମ୍ପର୍କରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ତଥା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଥିଲା ।

# କରୁଣାକର ଶତପଥୀ ସମ୍ମାନିତ

ସମ୍ବଲପୁର: ସମ୍ବଲପୁରର ବିଶିଷ୍ଟ ଫଟୋଗ୍ରାଫର କରୁଣାକର ଶତପଥୀ ୟୁନେସ୍କୋ ଦ୍ୱାରା ମାନ୍ୟତାପ୍ରାପ୍ତ ସଂସ୍ଥା ଏଫ୍‌ଆଇଏପି ଦ୍ୱାରା ସମ୍ମାନିତ ହୋଇଛନ୍ତି ।



ଫ୍ରାନ୍ସର ଏହି ସଂସ୍ଥା ସହିତ ବିଶ୍ୱର ୯୦ରୁ ଅଧିକ ଦେଶ ଜଡ଼ିତ । ତେବେ ଶ୍ରୀ ଶତପଥୀଙ୍କୁ ତିନୋଟି ବିଭିନ୍ନ ପର୍ଯ୍ୟାୟରେ ଚୟନ କରାଯାଇ ଏହି ମର୍ଯ୍ୟାଦା ଜନକ ସମ୍ମାନରେ ସମ୍ମାନିତ କରାଯାଇଛି । ବିଭିନ୍ନ ଦେଶରେ ଆୟୋଜିତ ଅନ୍ତଃରାଷ୍ଟ୍ରୀୟ ସ୍ତରର ପ୍ରତିଯୋଗିତା ମାନଙ୍କରେ ଅଂଶ ଗ୍ରହଣକରି ପୁରସ୍କୃତ, ସମ୍ମାନିତ ବା ସମ୍ବର୍ଦ୍ଧିତ ହୋଇଥିବା ବିଶିଷ୍ଟ ଫଟୋଗ୍ରାଫରମାନଙ୍କୁ ଏହି ମର୍ଯ୍ୟାଦା ସମ୍ପନ୍ନ ସମ୍ମାନରେ ସମ୍ମାନିତ ବା ସମ୍ବର୍ଦ୍ଧିତ କରାଯାଇଥାଏ ।

## ଏ ସଂଖ୍ୟାରେ..



ଚକ୍ଷୁ ସମସ୍ୟା ସୃଷ୍ଟି କରିପାରେ ଧୂମପାନ


କଞ୍ଚା କଦଳୀର ବିଶେଷ ଲାଭ


ଯନ୍ତ୍ରଣା ଲାଘବ କରିବ ହେଙ୍ଗୁ



ଗୁଣକାରୀ ପଇଡ଼ପାଣି


ଓଜନ କମାଏ ସକାଳର ପେଟପୁରା ଜଳଖିଆ


ଅଁଳାର ଉପକାରିତା

# ଭଗବଦ୍ ଭକ୍ତି-ସଞ୍ଚାରରେ 'ଭଜନାମୃତ' ପୁସ୍ତକ ଉପାଦେୟ

ଭୁବନେଶ୍ୱର: କଳିଯୁଗରେ ଭଗବତ୍ ପ୍ରାପ୍ତିର ବଳିଷ୍ଠ ମାଧ୍ୟମ ହେଉଛି ଭଜନ। ଭାବ- ଭକ୍ତ-ରାଗର ଅପୂର୍ବ ସମନ୍ୱୟରେ ରଚିତ ଭଜନାବଳୀ ଆତ୍ମା ସହ ପରମାତ୍ମାଙ୍କ ମିଳନରେ ସେତୁ ହୋଇଥାଏ। ଏହି ପରିପ୍ରେକ୍ଷୀରେ 'ଭଜନାମୃତ' ପୁସ୍ତକ ଯଥେଷ୍ଟ ଉପାଦେୟ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ପୋଖରିପୁଟ ସ୍ଥିତ ଦକ୍ଷିଣେଶ୍ୱର ହନୁମାନ୍ ମନ୍ଦିରରେ ରଶ୍ମିତା ପ୍ରକାଶନୀ ଓ ପ୍ରତିଭା ପ୍ରଶସ୍ତି ପରିଷତ୍ର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଓ ଉପାଧି ପ୍ରଦାନ ଉତ୍ସବରେ ଉଦ୍‌ଘାଟକ ଭାବରେ ଯୋଗଦେଇ ଅଖିଳ ଭାରତୀୟ ସନ୍ଥ ସମିତିର ରାଷ୍ଟ୍ରୀୟ ସଙ୍ଗଠନ ମନ୍ତ୍ରୀ ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ଭଜନ-ରଚନାର ସାଂପ୍ରତିକ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରତିଭା ପ୍ରଶସ୍ତି ପରିଷଦର ଆଜୀବନ ସଭାପତି ନୀଳାଦ୍ରିମୋହନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଶ୍ରୀଜଗନ୍ନାଥଙ୍କ ନୀତି- ଲୀଳା- ତତ୍ତ୍ୱକୁ ନେଇ କବି ଅଶ୍ୱିନୀ କୁମାର ଦାଶଙ୍କ ଦ୍ୱାରା ରଚିତ 'ଭଜନାମୃତ' ପୁସ୍ତକକୁ ଉନ୍ମୋଚିତ କରିବା ଅବସରରେ ମୁଖ୍ୟଅତିଥି ତଥା ଦୈନିକ 'ସକାଳ'ର ସମ୍ପାଦକ ଡକ୍ଟର ଉମାକାନ୍ତ ମିଶ୍ର ଆଧ୍ୟାତ୍ମିକତାର ବିକାଶରେ ଭଜନର ଉପାଦେୟତା ସଂପର୍କରେ ଆଲୋଚନା କରିଥିଲେ। ସମ୍ମାନନୀୟ ଅତିଥି ତଥା ହନୁମାନ୍ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ଶରତ୍ କୁମାର ପଟ୍ଟନାୟକ କବି ଶ୍ରୀ ଦାଶଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ତଥା ସଂସ୍କୃତି





ବିଶାରଦ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ 'ଭଜନାମୃତ' ପୁସ୍ତକଟିର ସମୀକ୍ଷା କରିଥିଲେ। ଏହି ଅବସରରେ ପ୍ରତିଭା ପ୍ରଶସ୍ତି ପରିଷଦ୍ ପକ୍ଷରୁ ସଂସ୍କୃତି ଓ ସଂସ୍କୃତ ଭାଷାର ପ୍ରଚାର ତଥା ସୁରକ୍ଷା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ବର୍ଷୀୟାନ୍ ସଂସ୍କୃତ ବିଦ୍ୱାନ୍ ପଣ୍ଡିତ ବୀରେନ୍ଦ୍ର କିଶୋର ତ୍ରିପାଠଶର୍ମାଙ୍କୁ 'ଧୀରେନ୍ଦ୍ରଚୂଡାମଣି' ଉପାଧିରେ ଭୂଷିତ କରାଯାଇଥିଲା। ପ୍ରାରମ୍ଭରେ କଣ୍ଠଶିଳ୍ପୀ କେ. ପରମେଶ୍ୱର ଓ ସାଥୀ ଭଜନ ପରିବେଷଣ କରିଥିବା ବେଳେ କବି ଅଶ୍ୱିନୀ କୁମାର ଦାଶ ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ସଭାରେ ପୁସ୍ତକ-ପ୍ରକାଶିକା ତଥା ରଶ୍ମିତା ପ୍ରକାଶନୀର ପରିଚାଳନା- ନିର୍ଦ୍ଦେଶିକା ଶ୍ରୀମତୀ ରଶ୍ମିତା ଶତପଥୀ ଓ ମୁଦ୍ରକ ମାନସ ଦାଶଙ୍କୁ ସଂବର୍ଦ୍ଧିତ କରାଯିବା ପରେ ହନୁମାନ୍ ମନ୍ଦିରର ପୂଜକ ପ୍ରମୋଦ କୁମାର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇ ବାଳ-ପ୍ରତିଭା ଆଭୀ ଓ ଆର୍ଯ୍ୟାଙ୍କ ସମେତ କାହ୍ନୁ ଚରଣ ପ୍ରଧାନ, ପ୍ରଦୀପ୍ତ କୁମାର ଦୀକ୍ଷିତ, ବିମଳଲୋଚନ ପଟ୍ଟନାୟକ, କେ. ଇତିଶ୍ରୀ ନାୟକ, ବାସନ୍ତୀ ଦେବୀ, ଶୁଭଶ୍ରୀ ମିଶ୍ର, ଡକ୍ଟର ବେଣୁଧର ଦାସ, ବିରଜା ମିଶ୍ର, ଶ୍ରୀନିବାସ ମିଶ୍ର, ବିନାୟକ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଣ୍ଡରୀ କଂସ ଦରବାର ପାଇଁ ଶୁଭସ୍ତମ୍ଭ

ଝାରସୁଗୁଡ଼ା : ଲଖନପୁର ବ୍ଲକ ଅନ୍ତର୍ଗତ ପଣ୍ଡରୀ ଗ୍ରାମରେ ହେଉଥିବା ସରସ୍ୱତୀ ପୂଜାର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରାଯିବ। ଏହି ଅବସରରେ ଗ୍ରାମରେ ଜାନୁଆରୀ ୨୬ରୁ ୨୯ ଯାଏ ନୃତ୍ୟ, ନାଟକ, ଭଜନ ସନ୍ଧ୍ୟା, ଅର୍କେଷ୍ଟ୍ରା, ସଂଚାର, କୀର୍ତ୍ତନ, ସଂପର୍ଦ୍ଧା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ତନ୍ମଧ୍ୟରୁ ମୁଖ୍ୟ ଆକର୍ଷଣ କଂସ ମହାରାଜାଙ୍କ ରାଜ ଦରବାର ନାଟ୍ୟ କାର୍ଯ୍ୟକ୍ରମ ଏଠାରେ ପ୍ରଦର୍ଶନ କରାଯିବ। ଏଥିପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। କଂସ ମହାରାଜା ଭୂମିକାରେ ଅଭିନୟ କରିବାକୁ ଥିବା ଚାରପାଲି ପଞ୍ଚାୟତ ନୂଆଡିହି ଗ୍ରାମର ସଦାନନ୍ଦ ସାହୁ ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲଖନପୁର ବ୍ଲକର ପୂର୍ବ ଅଧ୍ୟକ୍ଷ ଗୌତମ ପ୍ରଧାନ, ଲେଖକ ତଥା କମିଟି ସଦସ୍ୟ ଆନନ୍ଦ ସାହୁ, ଭଗବାନ ପଶାୟତ, ଦୟାନିଧି ମେହେର, ସଦାନନ୍ଦ ସାହୁ, ରୋହିତ ପଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପାଳନ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ପଣ୍ଡରୀର ବିଭିନ୍ନ କଳା, ସଂସ୍କୃତି ଓ ପରମ୍ପରାକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ରେକର୍ଡ ଭାଙ୍ଗିଲା ପଦ୍ମପୁର ଭୋଟହାର ୮୧.୫%

ବରଗଡ଼: ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିବା ପଦ୍ମପୁର ଉପନିର୍ବାଚନରେ ମତଦାନ ହାର ରେକର୍ଡ କରିଛି। ମତଦାନ ଅବଧି ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲେ ହେଁ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟରମାନେ ଭୋଟ୍ କେନ୍ଦ୍ରରେ ଧାଡ଼ିବାନ୍ଧି ମତାଧିକାର ସାବ୍ୟସ୍ତ କରିବାକୁ ଅପେକ୍ଷା କରିବା ଭିନ୍ନ ଦିଗକୁ ଇଙ୍ଗିତ କରିଛି। ଅନୁରୂପ ଭାବରେ ୨୦୧୯ ପରେ ରାଜ୍ୟରେ ଅନୁଷ୍ଠିତ ସମସ୍ତ ଉପନିର୍ବାଚନ ଓ ପଦ୍ମପୁରର ପୂର୍ବର ବିଧାନସଭା ନିର୍ବାଚନ ଅପେକ୍ଷା ଚଳିତ ଉପନିର୍ବାଚନରେ ମତଦାନ ହାର ସର୍ବାଧିକ ରହିଛି। ସନ୍ଧ୍ୟା ୬ ଟା ସୁଦ୍ଧା ନିର୍ବାଚନମଣ୍ଡଳୀରେ ମତଦାନ ହାର ୮୧.୫% ଅତିକ୍ରମ କରିଛି।

ଗତ ୩ ବର୍ଷ ମଧ୍ୟରେ ରାଜ୍ୟରେ ଅନୁଷ୍ଠିତ ୫ଟି ଉପ ନିର୍ବାଚନ ଠାରୁ ପଦ୍ମପୁରରେ ମତଦାନ ହାର ଯଥେଷ୍ଟ ଅଧିକ ରହିଛି। ପିପିଲି (୭୮.୬୨%), ତିର୍ତ୍ତୋଲ (୭୦.୯୩%), ବାଲେଶ୍ୱର (୭୧.୩୩%), ବ୍ରଜରାଜନଗର (୭୧.୬୨%) ଓ ଧାମନଗରରେ (୬୮.୯୮%) ଠାରୁ ପଦ୍ମପୁରରେ ଯଥେଷ୍ଟ ଅଧିକ ମତଦାନ ସ୍ଥାନୀୟ ଅଞ୍ଚଳବାସୀଙ୍କ ଭୋଟ ସଚେତନତାକୁ ସ୍ପଷ୍ଟ କରିଛି। ପୁନଶ୍ଚ ୨୦୦୪ ମସିହା ପରଠାରୁ ପଦ୍ମପୁରରେ ଅନୁଷ୍ଠିତ ସମସ୍ତ ବିଧାନସଭା ନିର୍ବାଚନଠାରୁ ଚଳିତ ଉପନିର୍ବାଚନରେ ଅଧିକ ମତଦାନ ହୋଇଥିବା ସୂଚନା ମିଳିଛି। ପଦ୍ମପୁର ନିର୍ବାଚନମଣ୍ଡଳୀରେ ୨୦୦୪ରେ ୭୪.୦୯% ମତଦାନ ହୋଇଥିବା ବେଳେ ୨୦୦୯ରେ ଏହା ୭୫.୫୧%କୁ ବୃଦ୍ଧି ପାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ମତଦାନ ହାର ୨୦୧୪ ଓ ୨୦୧୯ରେ ମତଦାନ ହାର ବୃଦ୍ଧି ପାଇ ୭୯% ଅତିକ୍ରମ କରିଥିଲା। ଚଳିତ ଉପନିର୍ବାଚନରେ ମତଦାନ ହାର ୮୧.୫ରେ ପହଞ୍ଚିଛି। ପଦ୍ମପୁର ନିର୍ବାଚନ ରାଜବୋଡ଼ାସମ୍ବର ବ୍ଲକର ୨୨ଟି ପଞ୍ଚାୟତ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଇକମାଳ ବ୍ଲକର ୩ ଟି ଜିଲ୍ଲା ପରିଷଦ ଜୋନର ୨୨ ଟି ପଞ୍ଚାୟତ, ଝାରବନ୍ଧ ବ୍ଲକ ୨ ଟି ଜିଲ୍ଲା ପରିଷଦ ଜୋନର ୧୪ ଟି ପଞ୍ଚାୟତରେ ନିର୍ବାଚନ ହୋଇଥିଲା। ଏହି ଉପନିର୍ବାଚନରେ ତିନି ବ୍ଲକର ୧୨୦ ଟି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଥିବା ବେଳେ ସେଠାରେ ସିସିଟିଭି ଲଗାଇ ୱେବକାଷ୍ଟିର ବ୍ୟବସ୍ଥା କରାଯାଇଥିଲା। ପଦ୍ମପୁର ଏକ ମାଓ ଅଧିଷିତ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ପୁଲିସ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

# ବିଭିନ୍ନ ପ୍ରକାରର ପୂଜା

**ସା**ତ୍ତ୍ୱିକ ପୂଜା ବିଷୟରେ ଭଗବାନ ଶ୍ରୀକୃଷ୍ଣ ଗୀତାର ନବମ ଅଧ୍ୟାୟର ୨୬ ତମ ଶ୍ଳୋକରେ କହିଛନ୍ତି –

ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରୟଚ୍ଛତି।

ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ।

ଅର୍ଥାତ୍ ଯେଉଁ ଭକ୍ତ ମୋ ପାଇଁ ପ୍ରେମର ସହିତ ପତ୍ର, ପୁଷ୍ପ, ଫଳ, ଜଳ ଆଦି ଅର୍ପଣ କରନ୍ତି, ସେହି ଶୁଦ୍ଧବୁଦ୍ଧି ନିଷ୍କାମ ପ୍ରେମୀ ଭକ୍ତର ପ୍ରେମପୂର୍ବକ ଅର୍ପଣ କରାଯାଇଥିବା ସେହି ପତ୍ର-ପୁଷ୍ପାଦିରେ ସଗୁଣ ରୂପେ ପ୍ରକଟ ହୋଇ ମୁଁ ତାହାକୁ ପ୍ରୀତିର ସହିତ ସ୍ୱୀକାର କରିଥାଏ।

ଶବରୀ ଦ୍ୱାରା କରାଯାଇଥିବା ଭଗବାନଙ୍କ ପୂଜନ ସାତ୍ତ୍ୱିକ ପୂଜାର ଉଦାହରଣ ଅଟେ। ଯେତେବେଳେ ଭଗବାନ ଶ୍ରୀରାମ ଶବରୀ ଆଶ୍ରମରେ ପଦାର୍ପଣ କଲେ ତ ତାଙ୍କୁ ଦେଖି ଶବରୀ ମତଙ୍ଗ ମୁନିଙ୍କ ବଚନକୁ ସ୍ମରଣ କଲା ଯେ ଦିନେ ସ୍ୱୟଂ ଭଗବାନ ତୁମ ଘରକୁ ଚାଲି ଚାଲି ଆସିବେ। ନିଜ ଗୁରୁ ମତଙ୍ଗ ମୁନିଙ୍କ ଦ୍ୱାରା ପ୍ରଦତ୍ତ ଆଶ୍ୱାସନକୁ ମନେ ପକାଇ ଶବରୀ ଭଗବାନଙ୍କ ଆଗମନ ଓ ତାଙ୍କର ସ୍ୱାଗତ ହେତୁ ପ୍ରତିଦିନ ଭୋରରୁ ଉଠି ରାସ୍ତା ସଫା କରୁଥିଲା ଏବଂ ଜଙ୍ଗଲରୁ ପ୍ରଚୁର ଫୁଲ ଆଣି ସେହି ରାସ୍ତାରେ ବିଛେଇ ଦେଉଥିଲା ତଥା ଜଙ୍ଗଲରେ ଫଳଗୁଡ଼ିକୁ ନିଜେ ଚାଖି ଯେଉଁ ଫଳ ମିଠା ଲାଗୁଥିଲା, ତାହାକୁ ଭଗବାନଙ୍କ ପାଇଁ ନେଇ ଆସୁଥିଲା।

ଭଗବାନ ଆସିବାର ରାସ୍ତାକୁ ସେ ଦିନ ସାରା ଚାହିଁ ରହୁଥିଲା, ଯାହା ତା'ର ଦିନଚର୍ଯ୍ୟା- ଜୀବନଚର୍ଯ୍ୟା ହୋଇ ଯାଇଥିଲା। ଅଜ୍ଞାତରେ ହେଲେ ମଧ ଏହା ତା'ର ପୂଜାର ବିଧି ପାଲଟି ଯାଇଥିଲା। ଯେତେବେଳେ ସେ ନିଜ ଆଶ୍ରମ ସାମନାରେ ସତରେ ଭଗବାନ ଶ୍ରୀରାମଙ୍କ ଦର୍ଶନ କଲା, ତାଙ୍କର କମଳ ସଦୃଶ ନେତ୍ର, ବିଶାଳ ଭୁଜ ମୁଣ୍ଡ ଉପରେ ଜଟାର ମୁକୁଟ ଓ ହୃଦୟରେ ବନମାଳା ଧାରଣ କରି ସୁନ୍ଦର, ଶ୍ୟାମଳ ଓ ଗୌର ବର୍ଣ୍ଣର ଦୁଇ ଭାଇ (ଭଗବାନ ଶ୍ରୀରାମ ଓ ଲକ୍ଷ୍ମଣ)ଙ୍କୁ ଦେଖିଲା ତ ସେ ତାଙ୍କ ଚରଣରେ ଲୋଟିଗଲା।

ପ୍ରେମରେ ଶବରୀ ଏତେ ମଗ୍ନ ହୋଇଗଲା ଯେ ତା' ମୁଖରୁ କୌଣସି ଶବ୍ଦ ବାହାରୁ ନ ଥିଲା। ସେ ବାରମ୍ବାର ଭଗବାନଙ୍କ ଚରଣ କମଳରେ ନିଜ ମୁଣ୍ଡ ନୁଆଁଉ ଥିଲା।

ସାଦର ଜଳ ଲୈ ଚରନ ପଖାରେ।

ପୁନି ସୁନ୍ଦର ଆସନ ବୈଠାରେ।

କନ୍ଦ ମୂଳ ଫଳ ସୁରସ ଅତି ଦିଏ ରାମ କହୁଁ ଆନି।

ପ୍ରେମ ସହିତ ପ୍ରଭୁ ଖାଏ ବାରଂବାର ବଖାନି।। - ଅରଣ୍ୟକାଣ୍ଡ, ୩୪

ଜଳର ପାତ୍ର ନେଇ ଶବରୀ ଆଦରପୂର୍ବକ ଦୁଇ ଭାଇଙ୍କ ଚରଣ ଧୋଇଲା ଓ ସେମାନଙ୍କୁ ସୁନ୍ଦର ଆସନ ଉପରେ ବସାଇଲା। ଏହା ପରେ ସେ ଅତ୍ୟନ୍ତ ରସାଳ ଓ ସ୍ୱାଦିଷ୍ଟ କନ୍ଦ, ମୂଳ ଓ ଫଳ ଆଣି ଶ୍ରୀରାମଙ୍କୁ ଦେଲା। ଭଗବାନ ଶ୍ରୀରାମ ପ୍ରେମର ସହିତ ସେହି ଫଳ ଗ୍ରହଣ କଲେ। ଶବରୀ ନିଜର ଦୁଇ ହାତକୁ ପ୍ରେମପୂର୍ବକ ଯୋଡ଼ି ଭଗବାନଙ୍କ ସମକ୍ଷରେ କହିଲା ଯେ ଏବେ ମୁଁ କିପରି ଭାବରେ ଆପଣଙ୍କର ସ୍ତୁତି କରିବି। ମୁଁ ତ ଅତ୍ୟନ୍ତ ମୂଢ଼ ବୁଦ୍ଧିର ନାରୀ। ସେତେବେଳେ ଭଗବାନ ତା'ର ଭକ୍ତିରେ ପ୍ରସନ୍ନ ହୋଇ କହିଲେ ଯେ ମୁଁ ତ କେବଳ ଭକ୍ତିର ସମ୍ବନ୍ଧ ହିଁ ମାନିଥାଏ ଏବଂ ତାପରେ ଭଗବାନ ତାକୁ ନବଧା ଭକ୍ତିର ଉପଦେଶ ଦେଲେ।

ଶ୍ରୀରାମ ଚରିତ ମାନସର ବାଳକାଣ୍ଡରେ ଉଲ୍ଲିଖିତ ଦକ୍ଷ ଯଜ୍ଞ ରାଜସିକ ଯଜ୍ଞର ଉଦାହରଣ ଅଟେ; କାରଣ ଏହା ଏକ ବିଶାଳ ଯଜ୍ଞ ଥିଲା। ଦକ୍ଷଙ୍କୁ ବ୍ରହ୍ମା ଯେତେବେଳେ ପ୍ରଜାପତିମାନଙ୍କ ନାୟକ କରିଦେଲେ ତ ଏତେ ବଡ଼ ଅଧିକାର ପାଇ ତାଙ୍କ ହୃଦୟରେ ଅଭିମାନ ଆସିଗଲା ଏବଂ ତାପରେ ସେ ଭଗବାନ ଶିବଙ୍କ ଅପମାନ କରିବା ପାଇଁ ଏହି ଯଜ୍ଞ କରିବାର ଯୋଜନା କରିଥିଲେ। ଏହି ଯଜ୍ଞ ସମ୍ବନ୍ଧରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି –

ଦଚ୍ଛ ଲିଏ ମୁନି ବୋଲି ସବ କରନ ଲଗେ ବଡ଼ ଜାଗ।

ନେବତେ ସାଦର ସକଳ ସୁର ଜେ ପାବତ ମଖ ଭାଗ।।

ଅର୍ଥାତ୍ ଦକ୍ଷ ସବୁ ମୁନିଙ୍କୁ ଡାକିଲେ ଓ ସେମାନେ ବଡ଼ ଯଜ୍ଞ କରିବାରେ ଲାଗିଲେ। ଯେଉଁ ଦେବତାମାନେ ଯଜ୍ଞ ଭାଗ ପାଆନ୍ତି, ଦକ୍ଷ ସେ ସମସ୍ତଙ୍କୁ ଆଦରର ସହିତ ନିମନ୍ତ୍ରଣ କଲେ। ପ୍ରଜାପତି ଦକ୍ଷ ନିଜର ଏହି ଯଜ୍ଞକୁ ଭଗବାନ ଶିବଙ୍କ ବ୍ୟତୀତ ସମସ୍ତଙ୍କୁ ନିମନ୍ତ୍ରଣ ଦେଇଥିଲେ ଏବଂ ସମସ୍ତ ଦେବତାଙ୍କୁ ଯଜ୍ଞର ଭାଗ ଓ ସ୍ଥାନ ଦେଇଥିଲେ। ଯେତେବେଳେ ପ୍ରଜାପତି ଦକ୍ଷଙ୍କ କନ୍ୟା ସତୀ ଦେଖିଲେ ଯେ ଯଜ୍ଞରେ ଭଗବାନ ଶିବଙ୍କୁ ଯଜ୍ଞର କୌଣସି ଭାଗ ଦିଆଯାଇ ନାହିଁ, ସେତେବେଳେ ସେ ଏହାକୁ ଭଗବାନ ଶିବଙ୍କ ଅପମାନ ମାନିଲେ ଏବଂ ଦକ୍ଷକନ୍ୟା ହେବା କାରଣରୁ ସେ ନିଜର ଦେହକୁ ଯୋଗାଗ୍ନି ଦ୍ୱାରା ସେଠାରେ ଭସ୍ମ କରିଦେଲେ ତଥା ଶିବଗଣଙ୍କ ଦ୍ୱାରା ଯଜ୍ଞକୁ ମଧ ବିଧ୍ୱଂସ କରି ଦିଆଗଲା।

ଜାଇ କପିନ୍ହ ସୋ ଦେଖା ୱୈସା।

ଆହୁତି ଦେତ ରୁଧିର ଅରୁ ଭୈଁସା।

ଲଙ୍କାକାଣ୍ଡରେ ବର୍ଣ୍ଣିତ ମେଘନାଦ ଦ୍ୱାରା କରାଯାଇଥିବା ପୂଜା ତାମସିକ ପୂଜାର ଉଦାହରଣ ଅଟେ।

ମେଘନାଦ ଦ୍ୱାରା କରାଯାଇଥିବା ଯଜ୍ଞରେ ସେ ରକ୍ତ ଓ ମଇଁଷିମାନଙ୍କ ଆହୁତି ଦେଉଥିଲା ଏବଂ ସେତେବେଳେ ହନୁମାନ ତା'ର ଯଜ୍ଞକୁ ଧ୍ୱଂସ କରିଦେଲେ।

ସାତ୍ତ୍ୱିକ ପୁରୁଷ ସାତ୍ତ୍ୱିକ ପୂଜା କରିବାରେ ରୁଚି ରଖନ୍ତି, ରାଜସିକ ପୁରୁଷ ରାଜସିକ ପୂଜାରେ ଓ ତାମସିକ ପୁରୁଷ ତାମସିକ ପୂଜା କରିବାରେ ନିଜର ରୁଚି ରଖନ୍ତି, କିନ୍ତୁ ଯଦି କୌଣସି ବ୍ୟକ୍ତିର କୌଣସି ଭୂତପ୍ରେତଙ୍କ ଠାରେ ଭଗବଦ୍ ଭାବ ଅର୍ଥାତ୍ ସାତ୍ତ୍ୱିକ ଭାବ ହୋଇଯାଏ ତେବେ ସେହି ଭୂତ ପ୍ରେତଙ୍କର ଉଦ୍ଧାର ହୋଇଯାଏ, କିନ୍ତୁ ଭୂତପ୍ରେତଙ୍କ ଠାରେ ଭଗବଦ୍ ଭାବ ରଖୁଥିବା ବ୍ୟକ୍ତି କୌଣସି ସାତ୍ତ୍ୱିକ ପୁରୁଷ ହିଁ ହୋଇଥାଏ।

ଉଦାହରଣ ସ୍ୱରୂପ ପରମ ସାତ୍ତ୍ୱିକ ଭକ୍ତ ନାମଦେବଙ୍କୁ ଥରେ ଏକ ଭୟଙ୍କର ବ୍ରହ୍ମରାକ୍ଷସ ଦେଖାଦେଲା ତ ସେ ତାକୁ ଭଗବଦ୍ ସ୍ୱରୂପ ମାନି ପ୍ରସନ୍ନତା ପୂର୍ବକ କହିଲେ–

ଭଲେ ପଧାରେ ଲମ୍ବକନାଥ!

ଧରତୀ ପାଁବ, ସ୍ୱର୍ଗ ଲୋ ମାଥ,

ଯୋଜନ ଭର ଲାଁବେ ହାଥ।

ସିବ ସନକାଦିକ ପାର ନ ପାୱେଂ,

ଅନଗିନ ସାଜ ସଜାଏ ସାଥ।

ନାମଦେବ କେ ତୁ ହୀ ସ୍ୱାମୀ,

କୀଜୈ ମୋକୋଂ ଆଜ ସନାଥ।।

ସେ ଏପରି କହିବା ମାତ୍ରେ ସେହି ପ୍ରେତର ଉଦ୍ଧାର ହୋଇଗଲା ଏବଂ ତା' ସ୍ଥାନରେ ଭଗବାନ ପ୍ରକଟ ହୋଇଗଲେ। ଏହିପରି ଆମେ ଯାହାର ପୂଜା କରୁ, ଯାହା ପ୍ରତି ମନରେ ଶ୍ରଦ୍ଧା ରଖିଥାଉ, ସେ ଆମ ସହିତ ନିଜର ସମ୍ପର୍କସୂତ୍ର ବଜାୟ ରଖନ୍ତି ଏବଂ ଶେଷ ସମୟରେ ଆମେ ତାଙ୍କୁ ହିଁ ସ୍ମରଣ କରିଥାଉ ତଥା ଆମେ ତାଙ୍କୁ ପ୍ରାପ୍ତ ହୋଇଥାଉ।

# ଭାରତୀୟ ସଂସ୍କୃତିରେ ଧର୍ମର ଶାଶ୍ୱତ ସ୍ୱରୂପ

**ଧ**ର୍ମ ଶବ୍ଦ ଆଜି ବଦନାମ ହେବାରେ ଲାଗିଛି ତଥା ଏହାର ସତ୍ତା ସନ୍ଦେହ ଘେରରେ ରହିଛି । ପ୍ରତିଦିନ ଖବର କାଗଜଗୁଡ଼ିକରେ ଧର୍ମ ନାମରେ ଘଟୁଥିବା ଘଟଣାଗୁଡ଼ିକୁ ପଢ଼ି ଦେଖି ପ୍ରବୁଦ୍ଧ ବ୍ୟକ୍ତିଙ୍କ ମନରେ ଧର୍ମ ପ୍ରତି କୌଣସି ସକାରାତ୍ମକ ଓ କୌଣସି ପ୍ରେରକ ଭାବ ଜାଗ୍ରତ ହେଉ ନାହିଁ । ବାସ୍ତବରେ ଏହା ଅକାରଣ ନୁହେଁ । ଯେତେବେଳେ ଧର୍ମ ନାମରେ କେବଳ କର୍ମକାଣ୍ଡକୁ ହିଁ ସବୁ କିଛି ମାନି ନିଆଯାଇଛି ଏବଂ ଯାହାର ଆତ୍ମପରିଷ୍କାର ସହିତ କୌଣସି ସମ୍ବନ୍ଧ ନାହିଁ, ଯେତେବେଳେ ଧର୍ମ ନାମରେ ଅନୈତିକ ଆଚରଣକୁ ରିଆତି ମିଳିଥାଏ ଏବଂ ଏଥିପାଇଁ ଧର୍ମଗ୍ରନ୍ଥଗୁଡ଼ିକର ସାକ୍ଷ୍ୟ ଦିଆଯାଏ, ସେତେବେଳେ ଧର୍ମ ପ୍ରତି ଅଶ୍ରଦ୍ଧା ଭାବ ରହିବା ସ୍ୱାଭାବିକ ।

ଧର୍ମ ନାମରେ ଅକର୍ମଣ୍ୟ ଜୀବନକୁ ପ୍ରଶ୍ରୟ ଦେଇ ସମାଜ ପାଇଁ ବୋଝ ହେବାର ପ୍ରଚଳନ ଜାରୀ ରହିଛି ତଥା ଜଣେ ଅନ୍ୟ ପ୍ରତି ହିଂସା-ବିଦ୍ୱେଷରୁ ନେଇ ମାର-କାଟ ଆଦି ଧର୍ମ ନାମରେ ହିଁ ହେଉଛି । ଯେତେବେଳେ ଧର୍ମ ଜୀବନ ଓ ଯୁଗ-ଆହ୍ୱାନଗୁଡ଼ିକର ସାର୍ଥକ ସମାଧାନ ଦେବା ପରିବର୍ତ୍ତେ ସମସ୍ୟାଗୁଡ଼ିକୁ ଆହୁରି ବିକରାଳ ରୂପ ଦେବାର ମାଧମ ହେଉଛି, ସେତେବେଳେ ଏପରି ଧର୍ମ ପ୍ରତି ଆସ୍ଥାର ବିଚଳନ ହେବା ସ୍ୱାଭାବିକ । ଯଦ୍ୟପି ଭାରତୀୟ ସଂସ୍କୃତିରେ ଧର୍ମର ଅବଧାରଣା ବହୁତ ଉଦାତ୍ତ ଓ ସୃଜନାତ୍ମକ ରହିଛି ଏବଂ ଏହାର ଶାଶ୍ୱତ ଓ ସାର୍ବଭୌମିକ ସ୍ୱରୂପର ଏଠାରେ ପ୍ରତିପାଦନ ମିଳୁଛି ତଥା ଏହି ରୂପେ ଧର୍ମ ଏଠାରେ ସଂସ୍କୃତି ଓ ସମାଜର ମେରୁଦଣ୍ଡ ହୋଇ ରହିଛି, କିନ୍ତୁ ବର୍ତ୍ତମାନ ଧର୍ମ ଭଳି ଶାଶ୍ୱତ-ନିତ୍ୟ ସତ୍ତା ଏତେ ନଷ୍ଟଭ୍ରଷ୍ଟ ରୂପେ ପ୍ରସ୍ତୁତ ହେବା ଓ ଏହାର ବିକୃତ ସ୍ୱରୂପ ପ୍ରଚଳିତ ହେବା– ଏ ସବୁ ଚିନ୍ତା ଓ ଚିନ୍ତନର ବିଷୟ ।

ଏହାର ବାସ୍ତବିକ ସ୍ୱରୂପକୁ ବୁଝିବା ଆବଶ୍ୟକ, ଯଦ୍ୱାରା ଏହା ଉପରେ ଛାଇଥିବା ଭ୍ରମ-ଭ୍ରାନ୍ତିଗୁଡ଼ିକର କୁହୁଡ଼ି ଅପସରି ଯିବ ଏବଂ ଜନତା ଏହାର ଶାଶ୍ୱତ ସ୍ୱରୂପକୁ ହୃଦୟଙ୍ଗମ କରି ପାରିବେ । ଫଳରେ ଏହା ମାନବ ମାତ୍ର ପାଇଁ ଶ୍ରେଷ୍ଠତା ପଥରେ ଆଗକୁ ବଢ଼ିବାର ସାଧନ ହୋଇ ପାରିବ, ଯାହା ଏହାର ମୂଳ ପ୍ରୟୋଜନ ଅଟେ ।

ଧର୍ମ କ'ଣ ? ତାହାର ଆଦି ଉଦ୍‌ଭବ, ବେଦ ଗୁଡ଼ିକରେ ପୂର୍ଣ୍ଣ ପରିଷ୍କୃତ ରୂପେ ପରିଭାଷିତ । ସର୍ବପ୍ରଥମେ ଋଗ୍‌ବେଦରେ ଧର୍ମ ଶବ୍ଦ ପ୍ରଯୁକ୍ତ ହୋଇଛି । 'ଧୃ' ଧାତୁରେ 'ମନ୍' ପ୍ରତ୍ୟୟ ଯୋଡ଼ି ହେଲେ ଧର୍ମ ହୋଇଥାଏ । 'ଧୃ' ଧାତୁର ଅର୍ଥ ହେଉଛି- ଧାରଣ କରିବା ।

ଧରତି ଲୋକାନ୍ ପ୍ରିୟତେ ପୁଣ୍ୟାତ୍ମଭିଃ ଇତି ବା ।

ଅର୍ଥାତ୍ ଯାହା ଲୋକମାନଙ୍କୁ ଧାରଣ କରିଥାଏ, ଯାହା ପୁଣ୍ୟାତ୍ମାମାନଙ୍କ ଦ୍ୱାରା ଧାରଣ କରାଯାଏ, ତାହା ଧର୍ମ ଅଟେ । ମହାଭାରତରେ ମଧ ଏହି ପ୍ରକାର ମହର୍ଷି ବେଦବ୍ୟାସ ଲେଖିଛନ୍ତି – ଧାରଣାଦ୍ ଧର୍ମ ଇତ୍ୟାହୁର୍ଧର୍ମୋ ଧାରୟତେ ପ୍ରଜାଃ । ଅର୍ଥାତ୍ ଯାହା ବ୍ୟକ୍ତିକୁ, ସମାଜକୁ, ଜନସାଧାରଣଙ୍କୁ ଧାରଣ କରିଥାଏ, ତାହାକୁ ଧର୍ମ କୁହାଯାଏ । ଏହି ପ୍ରକାର ଆଚାର୍ଯ୍ୟ ଚାଣକ୍ୟ ସୂତ୍ର- ୨୩୪ରେ କହିଛନ୍ତି - ଧର୍ମେଣ ଧାରୟତେ ଲୋକଃ । ଅର୍ଥାତ୍ ଧର୍ମ ଲୋକକୁ ଧାରଣ କରିଥାଏ । ଏହି ପ୍ରକାର ଧର୍ମ ଏପରି ଏକ ତତ୍ତ୍ୱ, ଯାହା ମନୁଷ୍ୟ ପରି ଲୋକ ଅର୍ଥାତ୍ ସମାଜର ମଧ ଧାରକ ଅଟେ । ଯାହା ବରଣ କରିବା ଯୋଗ୍ୟ ସାର୍ବଭୌମ ନିୟମ ବା ବିଧାନ ଅଟେ, ଯାହା ବ୍ୟକ୍ତିର ଜୀବନକୁ ଅନୁଶାସିତ କରିଥାଏ ତଥା ତାକୁ କର୍ତ୍ତବ୍ୟ ପଥର ବୋଧ କରାଇ ଥାଏ ।

ବୈଶେଷିକ ଦର୍ଶନ, (୧.୧.୨)ରେ ମହର୍ଷି କଣାଦ ଧର୍ମର ଆହୁରି ବ୍ୟାପକ ପରିଭାଷା କରିଛନ୍ତି –

ଯତୋଽଭ୍ୟୁଦୟନିଃଶ୍ରେୟସସିଦ୍ଧିଃ ସ ଧର୍ମଃ । ଅର୍ଥାତ୍ ଧର୍ମ ତାହା, ଯାହା ଦ୍ୱାରା ଜୀବନର ଅଭ୍ୟୁଦୟ ଅର୍ଥାତ୍ ଲୌକିକ ଉନ୍ନତି ତଥା ନିଃଶ୍ରେୟସ ଅର୍ଥାତ୍ ପାରଲୌକିକ କଲ୍ୟାଣ ବା ମୋକ୍ଷର ପ୍ରାପ୍ତି ହୋଇଥାଏ । ଏହି ପ୍ରକାର ଧର୍ମ ଦୁଇ ଲୋକକୁ ସୁଧାରିଥାଏ ଏବଂ ଜୀବନର ପରମ ଲକ୍ଷ୍ୟ ସିଦ୍ଧି ଆଡ଼କୁ ନେଇ ଯାଇଥାଏ । ଅନ୍ୟ ଶାସ୍ତ୍ରଗୁଡ଼ିକରେ ଧର୍ମକୁ ସଦ୍‌ଗୁଣ ଏବଂ ଜୀବନ ମୂଲ୍ୟଗୁଡ଼ିକ ରୂପରେ ପରିଭାଷିତ କରାଯାଇଛି ।

ମନୁସ୍ମୃତିରେ ଧର୍ମର ଦଶ ଲକ୍ଷଣର ବର୍ଣ୍ଣନ କରି ଭଗବାନ ମନୁ ଲେଖିଛନ୍ତି –

ଅହିଂସା ସତ୍ୟମସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ ।

ଏବଂ ସାମାସିକଂ ଧର୍ମଂ ଚାତୁର୍ବର୍ଣ୍ୟେଽବ୍ରବୀନ୍‌ମନୁଃ । (ମନୁସ୍ମୃତି ୧୦.୬୩)

ଅର୍ଥାତ୍ ଅହିଂସା, ସତ୍ୟ, ଅସ୍ତେୟ, ଶୌଚ, ଇନ୍ଦ୍ରିୟ ନିଗ୍ରହ– ଏହା ଚାରି ବର୍ଣ୍ଣର ସାଧାରଣ ଧର୍ମ । ଏହିପରି ଋଷି ଯାଜ୍ଞବଲ୍‌କ୍ୟଙ୍କ ଅନୁସାରେ-

ଅହିଂସା ସତ୍ୟମସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ ।

ଦାନଂ ଦମୋ ଦୟା କ୍ଷାନ୍ତିଃ ସର୍ବେଷାଂ ଧର୍ମସାଧନମ୍ ।।

ଅର୍ଥାତ୍ ଅହିଂସା, ସତ୍ୟ, ଅସ୍ତେୟ, ଶୌଚ, ଇନ୍ଦ୍ରିୟ, ନିଗ୍ରହ, ଦାନ, ଦମ, ଦୟା ଓ ଶାନ୍ତି– ଏହି ନଅ ଗୁଣ ଧର୍ମର ସାଧନ ।

ଏହି ପ୍ରକାର ଭାରତୀୟ ସଂସ୍କୃତିରେ ଧର୍ମର ଅବଧାରଣା ବହୁତ ସ୍ପଷ୍ଟ ଓ ଉଦାତ୍ତ ରହିଛି, ଯାହାର ଉଦ୍ଦେଶ୍ୟ ହେଉଛି ଜୀବନରେ ସଦ୍‌ଗୁଣ ଗୁଡ଼ିକର ବିକାଶ ଓ ଚେତନାର ଉତ୍ତରୋତ୍ତର ପରିଷ୍କାର । ସମ୍ରାଟ ଅଶୋକଙ୍କ ତ୍ରୟୋଦଶ ଶିଳାଲେଖରେ କୁହାଯାଇଛି ଯେ ପାପ ଠାରୁ ଦୂରେଇ ରହିବା ଏବଂ ବହୁତ ଭଲ କାମ କରିବା ତଥା ଦୟା, ଦାନ, ସତ୍ୟ ଓ ପବିତ୍ରତାର ପାଳନ କରିବା ହିଁ ଧର୍ମ ।

ଜୈନ ଆଚାର୍ଯ୍ୟମାନଙ୍କ ମତରେ- ଆତ୍ମଶୁଦ୍ଧି ସାଧନଂ ଧର୍ମଃ । ଅର୍ଥାତ୍ ଯାହା ଦ୍ୱାରା ଆତ୍ମାର ଶୁଦ୍ଧି ହେବ, ପରମତତ୍ତ୍ୱର ଅନୁଭବ ହେବ, ତାହା ହେଉଛି ଧର୍ମ । ଏହି ପ୍ରକାର ଧର୍ମ ଆସିକ ଉତ୍କର୍ଷ, ଆତ୍ମିକ ବିକାଶ ଦିଗରେ ନେଇଯାଏ, ଦୁରାଚରଣରୁ ରକ୍ଷା କରିଥାଏ, ଶ୍ରେଷ୍ଠ କର୍ମ ପାଇଁ ପ୍ରେରିତ କରିଥାଏ ।

ଧର୍ମ ଦୃଷ୍ଟିକୋଣକୁ ଉଦାତ୍ତ କରିଥାଏ, ଜୀବନକୁ ଆଲୋକିତ କରିଥାଏ, ଏଣୁ ଧର୍ମ ମନୁଷ୍ୟର ଅନ୍ତଃକରଣକୁ ପ୍ରଭାବିତ କରି ଅନୁଶାସିତ କରୁଥିବା ଏକ ଶକ୍ତି । ଧର୍ମ ହିଁ ସେହି ତତ୍ତ୍ୱ, ଯାହା ବ୍ୟକ୍ତିକୁ ନିର୍ମଳ ଓ ପବିତ୍ର କରିଥାଏ ଏବଂ ତା'ର ଜୀବନରେ ନୈତିକ ମୂଲ୍ୟ ଓ ଆଦର୍ଶକୁ ସ୍ଥାପନ କରିଥାଏ । ଯାହା ମାଧମରେ ବ୍ୟକ୍ତି କେବଳ ସାଂସାରିକ ନୁହେଁ, ବରଂ ପାରଲୌକିକ ଜୀବନକୁ ସାଧିନିଏ ଏବଂ ସମାଜରେ ନିଜର ସଦାଚରଣ ଦ୍ୱାରା ସଦ୍‌ଭାବନାର ସୁଗନ୍ଧ ଛାଡ଼ିଥାଏ ।

ବ୍ୟକ୍ତିକୁ ସୁସଭ୍ୟ ଓ ସୁସଂସ୍କୃତ କରାଇବାର କାର୍ଯ୍ୟ ମଧ ଧର୍ମ ହିଁ କରିଥାଏ, ଯାହା ସମାଜକୁ ସୃଜନାତ୍ମକ ପଥରେ ଗତିଶୀଳ କରାଇଥାଏ । ଧର୍ମର ଏପରି ଉଦାର ଅବଧାରଣାର ଆଧାରରେ ଦେବ ସଂସ୍କୃତି ଧାର୍ମିକ ମୂଲ୍ୟଗୁଡ଼ିକ ଦ୍ୱାରା ଓତପ୍ରୋତ ଥିଲା । ଧର୍ମକୁ ଜୀବନମୂଲ୍ୟ ଗୁଡ଼ିକ ରୂପେ ନିଆଯାଇଥାଏ, ଯେଉଁଥିରେ ଏହାର ସ୍ଥିତି ପୁରୁଷାର୍ଥ ଚତୁଷ୍ଟୟ ମଧରେ ଅଖିଦଣ୍ଡ ପରି ହୋଇଥାଏ ।

ସଂସ୍କୃତିର ଲତା ସର୍ବଦା ଧର୍ମର ମୂଳରେ ଲଟାଇ ଥାଏ ଏବଂ ସେଥିରେ ସଦ୍ ବ୍ୟବହାରର ଫୁଲ-ଫଳ ଧରିଥାଏ । ଏହି ଆଧାରରେ ଧର୍ମ ଭାରତୀୟ ସଂସ୍କୃତିର ସବୁଠାରୁ ବଡ଼ ଥାତି ରହି ଆସିଛି । ଏଠାରେ ଆଦି କାଳରୁ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ଧର୍ମ ଠାରୁ ଦିଶା, ଜ୍ଞାନ ପ୍ରାପ୍ତ କରୁଛନ୍ତି ଏବଂ ଭାରତୀୟ ସଂସ୍କୃତିରେ ଧର୍ମର ନିରନ୍ତର ସ୍ପନ୍ଦନ ହେଉଛି ।

ପ୍ରଥମ ନୀତି ବିଜ୍ଞାନ, ଦ୍ୱିତୀୟ ଆସ୍ତିକତା ପ୍ରଧାନ ତତ୍ତ୍ୱ ଦର୍ଶନ ଓ ତୃତୀୟ ଅଧ୍ୟାତ୍ମ । ଯେଉଁଥିରେ ଆଚାର ମୀମାଂସା, ଭାବ ଏବଂ ବିବେକପୂର୍ଣ୍ଣ ଉପାସନା । -ସାଧନାର କର୍ମକାଣ୍ଡୀୟ ପକ୍ଷ, ଜୀବନର ସମ୍ୟକ୍ ଦର୍ଶନ ତଥା ଏହାର ମର୍ମ ଅଧ୍ୟାତ୍ମ ସମାହିତ । ଏହି ପ୍ରକାର ବାସ୍ତବିକ ଧର୍ମକୁ ଅଧ୍ୟାତ୍ମ ଠାରୁ ଅଲଗା କରାଯାଇ ନ ପାରେ ।

ଯେଉଁ ଧର୍ମରେ ଅଧ୍ୟାତ୍ମ ତତ୍ତ୍ୱ ନ ଥାଏ, ସେହି ଧର୍ମ ପୁଣି ଧର୍ମ କହିବା ଯୋଗ୍ୟ ହୋଇ ରହେ ନାହିଁ, ଏଥିରେ ଅନେକ ପ୍ରକାରର କର୍ମକାଣ୍ଡୀୟ ଜଟିଳତା ଏବଂ ଦାର୍ଶନିକ ବିକୃତି ପ୍ରବେଶ କରିଯାଏ । ପୁଣି କେବଳ ଚିରାଚରିତ ପୁରୁଣା ପ୍ରଥାରେ ଚାଲିବା ଅଥବା ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ କହିଲେ ଲିପ୍ ସର୍ଭିସ ରୂପେ ଧର୍ମର ନିର୍ବହନ ବାକି ରହିଯାଏ, କିନ୍ତୁ ଜୀବନ–ପରିଷ୍କାର ତଥା ଚେତନାତ୍ମକ ଉତ୍କର୍ଷର ମୂଳ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ନ ଥାଏ ।

ଏପରି ଧର୍ମ ଜ୍ଞାତ ଅଜ୍ଞାତରେ ବ୍ୟକ୍ତି ଓ ସମାଜକୁ ଅଧର୍ମ ପାଇଁ ପ୍ରେରିତ କରିଥାଏ ଏବଂ ଏହାକୁ ବିନାଶ ଓ ବିଧ୍ୱଂସର ରାସ୍ତାରେ ନେଇଯାଏ, ଯଦ୍ୟପି ଧର୍ମର ଉଦ୍ଦେଶ୍ୟ ହେଉଛି ସମାଜକୁ ଅନ୍ତର୍ମୁଖୀନ, ଶାନ୍ତି, ପ୍ରେମ ଓ ପରମ ଲକ୍ଷ୍ୟ ଦିଗରେ ଅଗ୍ରସର କରାଇବା, ତାହାର ଭାବ ସମ୍ବେଦନାକୁ ଜାଗ୍ରତ କରିବା ।

ଧର୍ମ ହିଁ ସେହି ତତ୍ତ୍ୱ, ଯାହା ଉଚିତ- ଅନୁଚିତ କର୍ମର ବୋଧ କରାଇଥାଏ । କ'ଣ ଗ୍ରାହ୍ୟ ? କ'ଣ ବର୍ଜନୀୟ ? ଏହର ବୋଧ କରାଇଥାଏ । ପାପ-ପୁଣ୍ୟ, ଭୁଲ-ଠିକ୍, ଭଲ-ମନ୍ଦର ଅନ୍ତରକୁ ସ୍ପଷ୍ଟ କରିଥାଏ । ସାର ରୂପେ ଧର୍ମ ନୀର-କ୍ଷୀର ବିବେକ ଶକ୍ତିକୁ ବିକଶିତ କରିଥାଏ ଏବଂ ଜୀବନରେ ଏକ ଦିଶାସୂଚକ ପ୍ରେରକ ଶକ୍ତିର କାମ କରିଥାଏ ।

ଭାରତରେ ଧର୍ମକୁ ବ୍ୟାପକ ଦୃଷ୍ଟିରେ ଦେଖା ଯାଇଥାଏ, ସଂପ୍ରଦାୟର ସଂକୀର୍ଣ୍ଣ ଦୃଷ୍ଟିରେ ନୁହେଁ । ଧର୍ମର ଏପରି ସର୍ବାଙ୍ଗୀନ ଉତ୍କର୍ଷ ଏବଂ ମାନବ ହିତକାରୀ ସ୍ୱରୂପ ଉପରେ ଆଲୋକପାତ କରି ଆଦି ଶଙ୍କରାଚାର୍ଯ୍ୟ ଗୀତା ଭାଷ୍ୟରେ ଲେଖିଛନ୍ତି –

ଜଗତଃ ସ୍ଥିତିକାରଣଂ ପ୍ରାଣିନାଂ
ସାକ୍ଷାତ୍ ଅଭ୍ୟୁଦୟ
ନିଃଶ୍ରେୟସହେତୁଃ ଯ ସ ଧର୍ମୋ
ବ୍ରାହ୍ମଣାଦ୍ୟୈଃ ବର୍ଣ୍ଣିଭିରା-
ଶ୍ରମିଭିଷ୍ଟ
ଶ୍ରେୟୋଽର୍ଥିଭିରନୁଷ୍ଠୀୟମାନଃ ।

ଅର୍ଥାତ୍ ଯାହା ଏହି ଜଗତର ସ୍ଥିତିର କାରଣ ଏବଂ ପ୍ରାଣୀମାନଙ୍କ ଅଭ୍ୟୁଦୟ ଓ ମୋକ୍ଷର ସାକ୍ଷାତ୍ ହେତୁ, ଶ୍ରେୟର ଅଭିଳାଷୀ ବ୍ରାହ୍ମଣାଦି ବର୍ଣ୍ଣ ଓ ଆଶ୍ରମର ଲୋକେ ଯାହାର ଆଚରଣ କରନ୍ତି, ତାହାର ନାମ ଧର୍ମ । ଏହି ପ୍ରକାର ଧର୍ମ ସମସ୍ତଙ୍କୁ ଧାରଣ କରୁଥିବା, ସାର୍ବଭୌମ, ସମସ୍ତଙ୍କ ହିତୈଷୀ, କଲ୍ୟାଣକର୍ତ୍ତା ଏବଂ ଏକ ଶାଶ୍ୱତ ନୀତିଦର୍ଶନ ଅଟେ, ଯଦ୍ୟପି ସଂପ୍ରଦାୟ ଏକ ମାନ୍ୟତା ବିଶେଷ, ଏକ ମାର୍ଗର ନାମ, ଯାହାକୁ ମାନି ବ୍ୟକ୍ତି ଏକ ଚରମ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚି ଯାଏ ।

ଦେବ ସଂସ୍କୃତି ଧର୍ମକୁ ଏହି ଅର୍ଥରେ ନେଇଛି, ଏହି କାରଣରୁ ଏହାର ଗର୍ଭରେ ସମସ୍ତ ମତ-ସଂପ୍ରଦାୟ-ମତାନ୍ତର ଏବଂ ମାନ୍ୟତା ଉତ୍ପନ୍ନ ବିକଶିତ ହୋଇ ଚାଲିଛି । ଭର୍ତ୍ତୃହରିଙ୍କ ଶବ୍ଦରେ ଏହି ଧର୍ମ ତତ୍ତ୍ୱ ହିଁ ମନୁଷ୍ୟକୁ ପଶୁ ଠାରୁ ଅଲଗା କରିଥାଏ ।

ଏହି ଆଧାରରେ ମନୁଷ୍ୟ ଏହି ଧରିତ୍ରୀର ସର୍ବଶ୍ରେଷ୍ଠ ପ୍ରାଣୀ ଅଟେ ଏବଂ ଧର୍ମ ସଂସ୍କୃତିର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏକକ ଅଟେ । ଏହା ସହିତ ସୁଖର ମୂଳ ହେଉଛି ଧର୍ମ ।

ସୁଖସ୍ୟ ମୂଳଂ ଧର୍ମଃ । (ଚାଣକ୍ୟ ସୂତ୍ର- ୧)

ଅର୍ଥାତ୍ ଧର୍ମ ବିନା ସୁଖ-ଶାନ୍ତି ସମ୍ଭବ ନୁହେଁ । ଧର୍ମ ହିଁ ମନୁଷ୍ୟକୁ ସଚ୍ଚା ଅର୍ଥରେ ମନୁଷ୍ୟ ବନାଇଥାଏ, ମନୁଷ୍ୟକୁ ପ୍ରାପ୍ତ କରାଇଥାଏ । ଏହି ଆଧାରରେ ସମ୍ଭବତଃ ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ ଧର୍ମ ହିଁ ଏହି ରାଷ୍ଟ୍ରର ହୃଦୟର ମର୍ମସ୍ଥଳ ଏବଂ ମେରୁଦଣ୍ଡ ତଥା ତାହା ମୂଳଦୁଆ ଅଟେ, ଯାହା ଉପରେ ରାଷ୍ଟ୍ର ରୂପୀ ଭବନ ଠିଆ ହୋଇଛି । ଆମ ରାଷ୍ଟ୍ରର ଜୀବନୀଶକ୍ତି ଧର୍ମ ଉପରେ କେନ୍ଦ୍ରିତ । ଏକ ଆଧ୍ୟାତ୍ମିକ ଅନୁଭୂତି ଦିଗରେ ନେଇଯାଉଥିବା ତତ୍ତ୍ୱ ରୂପରେ, ଅନ୍ତଃକରଣର ପ୍ରେରଣା, ନୈତିକ ଦିଶାବୋଧ, ଆତ୍ମବଳ ରୂପରେ ଧର୍ମ ଭାରତୀୟ ସଂସ୍କୃତିର ମୂଳଦୁଆ ରହି ଆସିଛି ଏବଂ ଭାରତୀୟ ସଂସ୍କୃତିରେ ଧର୍ମର ସ୍ଥାନ ଅପ୍ରତିମ ।

ମନୁଷ୍ୟର ସଂପୂର୍ଣ୍ଣ ଜୀବନ ଦର୍ଶନକୁ ସମାହିତ କରୁଥିବା ଧର୍ମ ଜୀବନର ସର୍ବୋପରି ମୂଲ୍ୟ ରହିଛି ତଥା ଭାରତୀୟ ସଂସ୍କୃତିର ସ୍ୱରୂପକୁ ନିର୍ଦ୍ଧାରଣ କରିବାରେ ଏହାର ନିର୍ଣ୍ଣାୟକ ଭୂମିକା ମଧ ରହିଛି ।

**(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)**

## ଆଜିର ଚିନ୍ତନ

**ଉ**ଦ୍ଦାଳକ ମୁନି ବିଶ୍ୱଜେତା ମହାଯଜ୍ଞର ଆୟୋଜନ କଲେ । ଆପଣାର ସମସ୍ତ ଧନ ସମ୍ପତ୍ତି ଦେଇ ଦେଲେ ଦାନସ୍ୱରୂପ । ଋଷିମାନଙ୍କୁ ଦକ୍ଷିଣା ସ୍ୱରୂପ ଭଲ ଗାଈ ସହ ବୃଦ୍ଧ ଗାଈଙ୍କୁ ମଧ ଦାନ ଦେଇଥିଲେ । ବୃଦ୍ଧ ଗାଈଙ୍କ ଦାନ ଦେବାଟା ପୁଅ ନଚିକେତାଙ୍କୁ ବହୁତ ଅସୁଖ ଲାଗିଥିଲା । ପିତାଙ୍କୁ ନଚିକେତା କହିଥିଲେ- ପିତା ! ମୁଁ ତ ଆପଣଙ୍କର 'ଧନ', ମୋତେ କାହାକୁ ଦାନ କଲେ ?

ଉଦ୍ଦାଳକ ବ୍ୟସ୍ତତା ଭିତରେ ଥିବାରୁ ଶୁଣିଥିଲେ ମଧ ଉତ୍ତର ଦେଇ ନ ଥିଲେ । ନଚିକେତା କିନ୍ତୁ ବାରବାର ସେଇ ପ୍ରଶ୍ନ କରିଥିଲେ । ଉଦ୍ଦାଳକ ବିରକ୍ତ ହୋଇ କହିଥିଲେ- 'ତୋତେ ଯମକୁ ଦେଲି' ନଚିକେତା ବି ନମ୍ର ଭାବରେ କହିଥିଲେ- ଆପଣଙ୍କୁ କଥା ରକ୍ଷା କରିବାକୁ ହେବ । ମୋତେ ଯମପୁର ଯିବାକୁ ଅନୁମତି ଦିଅନ୍ତୁ ।

ଉଦ୍ଦାଳକ ଯେ ବିରକ୍ତିରେ ଏକଥା କହିଦେଲେ, କିନ୍ତୁ ଅତି ଆଦରର ପୁଅ ଯମପୁର ଯିବାକୁ ଅଡ଼ି ବସିଲାଣି ଏହା ଶୁଣି ସ୍ତବ୍ଧ ହୋଇ ଯାଇଥିଲେ । ହେଲେ ପୁତ୍ରର ସତ୍ୟନିଷ୍ଠାକୁ ସମ୍ମାନ ଜଣାଇ ଯିବାକୁ ଅନୁମତି ଦେଇଥିଲେ ।

ନଚିକେତା ଯମପୁରରେ ପହଞ୍ଚିଗଲେ । ବିଡ଼ମ୍ବନା ଏହା ଥିଲା ଯେ ନଚିକେତା ପହଞ୍ଚିବା ସମୟରେ ଯମରାଜ ନ ଥିଲେ । ଏ ନିମନ୍ତେ ଦ୍ୱାରଦେଶରେ ନଚିକେତା ତିନିଦିନ କାଳ ଅପେକ୍ଷା କରି ରହିଲେ । ନିରାହାର ଅବସ୍ଥାରେ ବସିଥାନ୍ତି । ଫେରିବା ପରେ ଯମରାଜ ନଚିକେତାଙ୍କୁ ଦ୍ୱାରଦେଶରେ ଦେଖି ଚକିତ ହୋଇ ଯାଇଥିଲେ । ଛୋଟ ପିଲାଠାରେ ଏଭଳି ଅଭୂତପୂର୍ବ ନିଷ୍ଠା ତାଙ୍କୁ ବିସ୍ମୟାଭିଭୂତ କରି ଦେଇଥିଲା । ନଚିକେତାଙ୍କ ଉଦ୍ଦେଶ୍ୟରେ କହିଥିଲେ- 'ବ୍ରାହ୍ମଣ କୁମାର ! ମୋର ଏହା ଅପରାଧ ଯେ ତୁମେ ଜଣେ ପୂଜ୍ୟ ଅତିଥି ହୋଇଥିଲେ ବି ମୋର ଦ୍ୱାରଦେଶରେ ତିନିଦିନ ତିନିରାତି ନିରାହାର ହୋଇ ରହିଲ । ପ୍ରତ୍ୟେକ ରାତି ଲାଗି ମୋତେ ଗୋଟିଏ ଗୋଟିଏ ବର ମାଗିପାର ।'

ପ୍ରଥମ ବର ପ୍ରାର୍ଥନା କରି ନଚିକେତା କହିଥିଲେ- 'ମୋର ପିତା କ୍ରୋଧ ସମ୍ବରଣ କରି ଶାନ୍ତଚିତ୍ତ ହୋଇଯାନ୍ତୁ । ମୁଁ ଏଠାରୁ ଫେରିବା ପରେ ମୋତେ ପୂର୍ବଭଳି ପ୍ରେମପୂର୍ବକ ସ୍ନେହଶ୍ରଦ୍ଧା କରନ୍ତୁ । 'ତଥାସ୍ତୁ' କହିଥିଲେ ଯମରାଜ । ଦ୍ୱିତୀୟ ବର ପ୍ରାର୍ଥନାରେ ଅଗ୍ନି ସମ୍ପର୍କରେ ବିସ୍ତୃତ ଭାବରେ ଜାଣିବାକୁ ଚାହିଁଥିଲେ । ଯମରାଜ ସପ୍ରସନ୍ନ ଓ ସବିସ୍ତାର ସର୍ବଲୋକର ଆଦି(ଉତ୍ପତ୍ତିସ୍ଥାନ), ସ୍ଥିତି, ବୈଶ୍ୱାନରଙ୍କ ଅବତାରଣା କରି କହିଥିଲେ ଏବେଠାରୁ ଏହି ଅଗ୍ନି ତୁମରି ନାମ (ନଚିକେତା ଅଗ୍ନି)ରେ ହିଁ ପ୍ରସିଦ୍ଧ ହେବ । ଏବେ ତୁମେ ତୃତୀୟ ବର ମାଗିପାର । 'ଆପଣ ମୃତ୍ୟୁର ଦେବତା, ମୋତେ ଆତ୍ମତତ୍ତ୍ୱ ସମ୍ପର୍କରେ କୁହନ୍ତୁ ।

ଯମରାଜ ଏହାଶୁଣି ବିଚଳିତ ହୋଇ କହିଲେ ଆତ୍ମତତ୍ତ୍ୱ କିଛି ସାଧାରଣ ବିଦ୍ୟା ନୁହେଁ ଓ ନଚିକେତାଙ୍କ ଚିତ୍ତବୃତ୍ତିକୁ ଅନ୍ୟତ୍ର ନେବାପାଇଁ ତାଙ୍କୁ ପ୍ରଲୋଭିତ କରିଥିଲେ । ହେଲେ ନଚିକେତା ଅଟଳ ଥିଲେ ନିଜ ପ୍ରାର୍ଥନାରେ । ଯମରାଜ ଆତ୍ମତତ୍ତ୍ୱ ବର୍ଣ୍ଣନା କରି କହିଥିଲେ 'ଆତ୍ମା ଚେତନାଶକ୍ତି, ଏହାର ନା ମୃତ୍ୟୁ ଅଛି ନା ଜନ୍ମ ଅଛି ? ଏହା ନିତ୍ୟ, ଶାଶ୍ୱତ, ସନାତନ । ଶରୀର ନାଶ ଗଲା ପରେ ଆତ୍ମାର ନାଶ ହୋଇନଥାଏ । ଏହା ସୂକ୍ଷ୍ମରୁ ସୂକ୍ଷ୍ମତମ, ମହାନ୍‌ରୁ ମହାନତମ । କୋଣ-ଅନୁକୋଣରେ ବ୍ୟାପ୍ତ । ସାରା ସୃଷ୍ଟିକ୍ରମ ତାଙ୍କରି ଆଦେଶରେ ପରିଚାଳିତ । ଯେଉଁ ପୁରୁଷ କାଳକବଳିତ ହେବା ପୂର୍ବରୁ ଏହି ବିଦ୍ୟା (ଆତ୍ମତତ୍ତ୍ୱ)କୁ ଜାଣିବାରେ ସକ୍ଷମ ହୋଇଥାନ୍ତି, ସେ ଜୀବନ୍ମୁକ୍ତ ହେବାସହ ରୋଗ-ଶୋକ, ଜରା, ବ୍ୟାଧିକୁ ଦୂରୀଭୂତ କରି ପରମାନନ୍ଦ ପ୍ରାପ୍ତ ହୋଇଥାନ୍ତି ।' ଆତ୍ମଜ୍ଞାନ ପ୍ରାପ୍ତିପରେ ହୃଷ୍ଟଚିତ୍ତରେ ପିତା ଉଦ୍ଦାଳକଙ୍କ ନିକଟକୁ ଫେରି ଆସିଥିଲେ ନଚିକେତା ।

ବର୍ଷ ୨୬, ସଂଖ୍ୟା- ୫୦, ୧୧ - ୧୭ ଡିସେମ୍ବର ୨୦୨୨

# ବିରୋଧୀଙ୍କ ପାଇଁ ଆତ୍ମସମୀକ୍ଷାର ସମୟ

ସବୁଠୁ ଚର୍ଚ୍ଚିତ ଉପନିର୍ବାଚନ ପଦ୍ମପୁରରେ କେଉଁ ଦଳର ପ୍ରାର୍ଥୀ କିଏ କେତେ ବ୍ୟବଧାନରେ ଜିତିବ ତାକୁ ନେଇ ଲାଗି ରହିଥିବା ଉତ୍କଣ୍ଠାର ଅବସାନ ଘଟିଛି । ବିଜେଡି ଏହାର ପୂର୍ବ ଆସନକୁ ଅକ୍ତିଆର କରିବା ସହିତ ପ୍ରକାରାନ୍ତରେ ଧାମନଗର ପରାଜୟର ପ୍ରତିଶୋଧ ନେଇଛି । ପଦ୍ମପୁରରେ ଲଢ଼େଇ ମୁଖ୍ୟତଃ ଶାସକ ବିଜେଡି ଓ ବିଜେପି ମଧ୍ୟରେ ହୋଇଥିଲା । ଏଠାରେ କଂଗ୍ରେସ ନିର୍ଣ୍ଣାୟକ ଭୂମିକାରେ ରହିବ ବୋଲି ମୂଳରୁ ଚର୍ଚ୍ଚା ହେଉଥିଲା । ତେବେ କଂଗ୍ରେସ ବିଭିନ୍ନ କାରଣରୁ ଏହାର ଭୋଟ ହାତଛଡ଼ା କରିଦେଇଛି । ପରାଜୟ ଓ ବିଜୟ ବ୍ୟବଧାନରେ କଂଗ୍ରେସ ଭୋଟ ବଡ଼ ଭୂମିକା ନେଇଛି । ଉପନିର୍ବାଚନରେ କଂଗ୍ରେସ ଅନୁଭୂତି ସମ୍ପନ୍ନ, ଅଭିଜ୍ଞ ନେତା ସତ୍ୟଭୂଷଣ ସାହୁଙ୍କୁ ପ୍ରାର୍ଥୀ କରିଥିଲେ ହେଁ ଯୁଦ୍ଧ କ୍ଷେତ୍ରରେ ଠିକଣା ପ୍ରଦର୍ଶନ କରିପାରିଲା ନାହିଁ ।


ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଜେଡି ଓ ବିଜେପି ଭିତରେ ଛକାପଞ୍ଝା ଲାଗି ରହିଥିଲା । ପ୍ରଚାରଠୁ ଅରମ୍ଭ କରି ଗଣମାଧ୍ୟମରେ ବିତର୍କ, ଆରୋପ- ପ୍ରତ୍ୟାରୋପ ନିର୍ବାଚନ ଅଧିକାରୀଙ୍କ ନିକଟରେ ପରସ୍ପର ବିରୋଧରେ ଅଭିଯୋଗ ଓ କାଦୁଅଫିଙ୍ଗା ସବୁ ସୀମା ସରହଦ ଟପିଯାଇଥିଲା । ଧାମନଗର ଭଳି ପଦ୍ମପୁର କଳିରେ କେହି କାହାକୁ ଛାଡ଼ିବା ଅବସ୍ଥାରେ ନଥିଲେ । ଦିବଂଗତ ବିଧାୟକ ବିଜୟ ସିଂ ବରିହାଙ୍କ କନ୍ୟା ବର୍ଷାଙ୍କୁ ବିଜେଡି ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ କରିଥିବା ବେଳେ ବିଜେପି ସର୍ବପ୍ରଥମେ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା । ଅନ୍ୟ ଦଳର ପ୍ରାର୍ଥୀଙ୍କ ଠାରୁ ପ୍ରଦୀପ ଅଧିକ ଯୋଗ୍ୟ ଓ ଦକ୍ଷ ଥିବାରୁ ଦଳ ନିଶ୍ଚିତ ଜିତିବାର ଦମ୍ଭ ରଖିଥିଲା । ହେଲେ ଧାମନଗର ବିଜୟ ପରେ ପଦ୍ମପୁରରେ ଜିତିବା ପାଇଁ ଏତେ ଆତ୍ମବିଶ୍ୱାସ ନେଇ ଲଢୁଥିବା ବିଜେପି ହାରିଗଲା କାହିଁକି ? ଦଳର ରଣନୀତିରେ ଭୁଲ୍ ରହିଲା କେଉଁଠି ? ପ୍ରମୁଖ ନେତାଙ୍କ ପାଇଁ ଏହା ଏବେ ସବୁଠୁ ବଡ଼ ପ୍ରଶ୍ନ । ଏଥିନେଇ ଦଳ ଭିତରେ ଆରମ୍ଭ ହୋଇଛି ମାନସ ମନ୍ଥନ, ଆତ୍ମସମୀକ୍ଷା ।

ମଇଦାନକୁ ଓହ୍ଲାଇଥିବା ତିନି ଦଳର ପ୍ରାର୍ଥୀଙ୍କ ଭିତରୁ କଂଗ୍ରେସର ସତ୍ୟଭୂଷଣ ପୂର୍ବରୁ ବିଧାନସଭାକୁ ତିନି ଥର ଜିତିଥିଲେ । ହେଲେ ବିଜେପି ପ୍ରାର୍ଥୀ ପ୍ରଦୀପ ଥରେ ମାତ୍ର ଜିତିଥିଲେ । ନିର୍ବାଚନମଣ୍ଡଳୀରେ ସତ୍ୟଭୂଷଣଙ୍କର ଭାବମୂର୍ତ୍ତି ଭଲ ଥିଲା ଏବଂ ସେ ଭଲ ଅଙ୍କର ଭୋଟ ପାଇବେ ବୋଲି ଦଳ ଆଶା ରଖିଥିଲା । କିନ୍ତୁ ଲଢ଼େଇକୁ ଯିବାବେଳକୁ ଚିତ୍ର ବଦଳିଗଲା । ପାଣ୍ଠି, ସଙ୍ଗଠନ, ସମର୍ଥନ ସବୁଥିରେ ପଛରେ ଥିବା କଂଗ୍ରେସ ନିର୍ବାଚନ ପରିଚାଳନାରେ ପଛରେ ପଡ଼ିଗଲା । ତୁଙ୍ଗ ନେତାଙ୍କ ପ୍ରଚାର କାଳରେ କଂଗ୍ରେସ ନେତାଙ୍କ ଶାରୀରିକ ପରିଭାଷାରୁ ଏହା ବାରି ହୋଇପଡୁଥିଲା । ଦଳ ଭିତରେ ଭୋଟରଙ୍କୁ ଆକୃଷ୍ଟ କରିବାର ସେପରି ଉତ୍ସାହ ଦେଖିବାକୁ ମିଳି ନଥିଲା । ତେଣୁ ନିର୍ବାଚନକୁ ଯିବା ପୂର୍ବରୁ କଂଗ୍ରେସ ଯେପରି ପରାଜୟକୁ ବରଣ କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ।

ଅନ୍ୟପକ୍ଷରେ ଧାମନଗର ବିଜୟ ପରେ ବିଜେପି ଏହାର ଦ୍ୱିତୀୟ ବାଜି ପଦ୍ମପୁରରେ ଜିତିବାର ରଣହୁଙ୍କାର ଦେଇଥିଲା । ଦଳର କେନ୍ଦ୍ର ଓ ରାଜ୍ୟସ୍ତରୀୟ ନେତାମାନେ ଏଥିପାଇଁ ରଣନୀତି ପ୍ରସ୍ତୁତ କରିବା ସହିତ ଜୋରଦାର ପ୍ରଚାର କରିଥିଲେ । ଭଲ ପ୍ରାର୍ଥୀ ହିସାବରେ ପ୍ରଦୀପଙ୍କୁ ନେଇ ଦଳରେ କୌଣସି ଦ୍ୱିଧା ବା ବିରୋଧାଭାସ ନଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶେଶ୍ୱର ଟୁଡ଼ୁ, ନରେନ୍ଦ୍ର ସିଂ ତୋମାର, ଦଳର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କଠାରୁ ଆରମ୍ଭ କରି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ସାଂସଦ ସୁରେଶ ପୂଜାରୀ, ଅପରାଜିତା ଷଡ଼ଙ୍ଗୀ, ଜୁଏଲ ଓରାମ, ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ବହୁ ତୁଙ୍ଗ ନେତା , ଦଳୀୟ ବିଧାୟକ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ନିର୍ବାଚନ ପ୍ରଚାରରେ ଯାଇଥିଲେ । ବଡ଼ ବଡ଼ ସଭା, ସମାବେଶ ବି ହୋଇଥିଲା । କିନ୍ତୁ ଦଳ ଏସବୁ ସଭା, ସମାବେଶରୁ ଯେଉଁପ୍ରକାର ଫାଇଦା ଉଠାଇବାର ଆଶା ରଖିଥିଲା ତାହା ଫଳବତୀ ହୋଇପାରିଲା ନାହିଁ ।

ସରକାରୀ ଦଳର ପ୍ରାର୍ଥୀଙ୍କ ବିରୋଧରେ ଆସ୍ଥା ବିରୋଧୀ ପ୍ରସଙ୍ଗଟି ବଡ଼ ଜୋର୍‌ରେ କାମ କରେ । କିନ୍ତୁ ପଦ୍ମପୁରରେ ତାହା କାମ କଲାନି । ପଦ୍ମପୁର ଉପନିର୍ବାଚନ କାଳରେ ଚାଷୀଙ୍କୁ ଇନ୍‌ପୁଟ ସହାୟତା, ପ୍ରଧାନମନ୍ତ୍ରୀ କୃଷି ବୀମା ପ୍ରଦାନ, ଜିଲା ଘୋଷଣା, ରେଳବାଇ ପ୍ରକଳ୍ପରେ ଅବହେଳା ଆଦି ଏକାଧିକ ପ୍ରସଙ୍ଗ ଉଠିଲା । ଶାସକ ଓ ବିରୋଧୀ ପରସ୍ପର ବିରୋଧରେ ଖୁବ୍ ମୁହାଁମୁହିଁ ହେଲେ । ଏହାକୁ ନେଇ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀଙ୍କ ଭିତରେ ଚିଠି ଯୁଦ୍ଧ ସହ ସାମ୍ବାଦିକ ସମ୍ମିଳନୀ, ପ୍ରଚାର ମଇଦାନରେ ପରସ୍ପରକୁ ସମାଲୋଚନା ଶୀର୍ଷସ୍ତରରେ ପହଞ୍ଚିଲା । ହେଲେ ଏସବୁ ପ୍ରସଙ୍ଗରୁ ବିରୋଧୀ ବିଜେପି ଯେତେ ଫାଇଦା ଉଠାଇବ ବୋଲି ଦଳର ବିଶ୍ୱାସ ଥିଲା, ତାହା ଭୋଟରେ ପ୍ରତିଫଳିତ ହେଲା ନାହିଁ । ରଣନୀତିରେ କେଉଁଠି ତ୍ରୁଟି ରହିଗଲା ସେଥିନେଇ ଚର୍ଚ୍ଚା ଚାଲିଛି । ଅନ୍ୟପକ୍ଷରେ ଶେଷ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦ୍ମପୁର ଗସ୍ତ ଚାଷୀ ଓ ଅଞ୍ଚଳବାସୀଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଘୋଷଣା ପଦ୍ମପୁର ଅଙ୍କକୁ ଏପଟସେପଟ କରିଦେଲା ବୋଲି କୁହାଯାଉଛି । ଅବଶ୍ୟ ଧାମନଗର ପରାଜୟ ପରେ ବିଜେଡି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ନେତାମାନେ ଏଥର ପଦ୍ମପୁରରେ ରିସ୍କ ନେବାକୁ ଚାହିଁଲେନି । ଏପର୍ଯ୍ୟନ୍ତ ଅନୁଷ୍ଠିତ କୌଣସି ଉପନିର୍ବାଚନକୁ ନବୀନ ପ୍ରଚାର ପାଇଁ ନ ଯାଇ ଆଭାସିରେ ପ୍ରଚାର କରୁଥିଲେ ହେଁ ଏଥର ପଦ୍ମପୁରକୁ ଗଲେ ଏବଂ ପ୍ରଚାର କାଳରେ ଭୋଟରଙ୍କୁ ବିକାଶର ପ୍ରତିଶ୍ରୁତି ଦେଲେ । ଖୋଦ୍ ବିଜେଡି ନେତାମାନେ ଏ ବିଜୟରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଶ୍ ସହାୟକ ହେଲା ବୋଲି ସ୍ୱୀକାର କରିଛନ୍ତି । ଏହାଛଡ଼ା ଦଳର ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ବିଧାୟକ ସୁଶାନ୍ତ ସିଂ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ନବ ଦାସଙ୍କ ପର୍ଯ୍ୟନ୍ତ ବିଜେଡିର ଏକାଧିକ ମନ୍ତ୍ରୀ, ସାଂସଦ, ବିଧାୟକ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ସାରା ନିର୍ବାଚନ ମଣ୍ଡଳୀରେ ଛାଇଗଲେ । ଧାମନଗରର ତ୍ରୁଟି ଯେପରି ପଦ୍ମପୁରରେ ପୁନରାବୃତ୍ତି ନହେବ ସେଥିପାଇଁ ଖୁବ୍ ସତର୍କତାର ସହିତ ଗୋଟିଚାଳନା କରାଗଲା ।

କୁହାଯାଉଛି ଯେପର୍ଯ୍ୟନ୍ତ ଉପନିର୍ବାଚନ ପ୍ରସଙ୍ଗଭିତ୍ତିକ ଥିଲା ସେ ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଚାଲିଥିଲା । କିନ୍ତୁ ପ୍ରସଙ୍ଗ ଭିତରକୁ କିଛି ଅପ୍ରସଙ୍ଗ ପଶିଯିବାରୁ ଭୋଟ ଗଡ଼ବଡ଼ ହୋଇଗଲା । ପ୍ରତିପକ୍ଷ ଶାସକ ଦଳର ପ୍ରାର୍ଥୀଙ୍କ ପ୍ରତି ବିଜେପିର ଆକ୍ଷେପକୁ ବିଜେଡି ଘୋର ବିରୋଧ କରିଥିଲା । ନିର୍ବାଚନ ସଭାରେ ମଧ ଦଳ ଏଥିରୁ ଫାଇଦା ଉଠାଇବାକୁ ପଛାଇ ନଥିଲା । ଏହାଛଡ଼ା କିଛି ସ୍ଥାନରେ ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଅତ୍ୟଧିକ ଆତ୍ମବିଶ୍ୱାସ ଏବଂ ପ୍ରଚାର ଛାଡ଼ି ଅଯଥାରେ ପ୍ରତିପକ୍ଷଙ୍କୁ ସମାଲୋଚନାର କୁପ୍ରଭାବ ବିଜେପି ଭୋଟକୁ ପ୍ରଭାବିତ କଲା ବୋଲି ଦଳ ଭିତରେ ଚର୍ଚ୍ଚା ଚାଲିଛି । ଏଥର ନିର୍ବାଚନରେ ବିଜେପି ପରାଜୟ ପଛରେ ରଣନୀତିରେ କିଛି ତ୍ରୁଟି ଥିବା କଥାକୁ ଦଳର କିଛି ନେତା ସ୍ୱୀକାର କରିଛନ୍ତି । ଧାମନଗରରେ ଦଳ ଏକାଠି ହୋଇ ଲଢ଼ିଥିବାବେଳେ ପଦ୍ମପୁରରେ ଏଥିରେ କିଛି ବ୍ୟତିକ୍ରମ ଘଟିଛି । କେଉଁଠି ତ୍ରୁଟି ରହିଲା ସେ ବିଷୟରେ ତର୍ଜମା କରାଯିବ ବୋଲି ସେମାନେ କହିଛନ୍ତି । ପରାଜିତ ପ୍ରାର୍ଥୀ ପ୍ରଦୀପ କହିଛନ୍ତି ଯେ କଂଗ୍ରେସ ଭୋଟ ହାତେଇବାରେ ସଫଳ ହେବାରୁ ବିଜେଡି ସହଜରେ ବଡ଼ ବ୍ୟବଧାନରେ ଜିତିଗଲା । ବିଡ଼ମ୍ବନାର କଥା ହେଲା ପଦ୍ମପୁର ସହର ସମେତ ଯେଉଁ କେତେକ ଅଞ୍ଚଳ ବିଜେପିର ଗଡ଼ ଥିବା କୁହାଯାଉଥିଲା ଏବଂ ପ୍ରଦୀପ ଯେଉଁଠାରୁ ବଡ଼ ବ୍ୟବଧାନରେ ଜିତିବାର ଦମ୍ଭ ରଖୁଥିଲେ ସେଠୁ ବି ନିରାଶ ହେବାକୁ ପଡ଼ିଛି । କରଣ ଭୋଟ ଗଣତିର ପ୍ରଥମରୁ ଶେଷ ରାଉଣ୍ଡ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ବିଜେପିଠାରୁ ଆଗରେ ରହିଥିଲେ । ତେଣୁ ଉପନିର୍ବାଚନରେ ବିଜେଡି ଓ ବିଜେପି ପ୍ରାର୍ଥୀଙ୍କ ଭିତରେ କଡ଼ା ମୁକାବିଲା ହେବ ବୋଲି ରାଜନୈତିକ ମହଲରେ ଯେଉଁ ଆକଳନ କରାଯାଇଥିଲା ତାହା ଭୁଲ୍ ସାବ୍ୟସ୍ତ ହୋଇଛି । ଏତେ ବଡ଼ ବିଜୟ ବିଜେଡି ପାଇଁ ନିଶ୍ଚିତ ଭାବେ ଅପ୍ରତ୍ୟାଶିତ ବୋଲି କୁହାଯାଉଛି । ବିଜପି ଏହାକୁ ସହଜରେ ହଜମ କରିପାରୁନି । ଏ ପରାଜୟ ଶକ୍ତ ଧକ୍କା ଦେଇଥିବାରୁ ଆଗକୁ ଆତ୍ମସମୀକ୍ଷା କରିବାକୁ ବାଧ କରିଛି ।



# ନୈତିକ ଭୂମି

## ମହାତ୍ମା ଗାନ୍ଧୀ

ନିରାମିଷ ଆହାର ବିଷୟରେ ନିଷ୍ଠାପର ହୋଇ ରହିବାକୁ ହେଲେ ସେଥିପାଇଁ ଏକ ନୈତିକ ଭିତ୍ତି ରହିଥିବା ଏକାନ୍ତ ଆବଶ୍ୟକ । କାରଣ, ଶରୀରର ନିର୍ମାଣପାଇଁ ନୁହେଁ, ଆତ୍ମାର କର୍ଷଣ ପାଇଁ ହିଁ ତାହାର ପ୍ରୟୋଜନ ରହିଛି । ମଣିଷ ମାଂସଠାରୁ ଅନେକ ଅଧିକ । ମଣିଷ ଭିତରେ ରହିଥିବା ଆତ୍ମାଟି ନିମନ୍ତେ ହିଁ ଆମେ ସଂଶ୍ଳିଷ୍ଟ ହୋଇ ରହିଛୁ । ତେଣୁ, ଶାକାହାରୀମାନଙ୍କର ସେହି ନୈତିକ ଭୂମିଟି ଅବଶ୍ୟ ରହିବା ଉଚିତ; ଅର୍ଥାତ୍, ମନୁଷ୍ୟ ଏକ ଜୀବଭକ୍ଷୀ ପ୍ରାଣୀ ହେବାକୁ କଦାପି ଜନ୍ମ ହୋଇ ନ ଥିଲା । ମାତ୍ର, ଏହି ପୃଥିବୀରେ ଜାତ ହେଉଥିବା ଫଳ ଓ ତୃଣଗୁଡ଼ିକୁ ଆହାର କରି ବଞ୍ଚିବାଲାଗି ସେ ପୃଥିବୀକୁ ଆସିଥିଲା- ସେ ଏହି ଭୂମିଟି ଉପରେ ଛିଡ଼ା ହୋଇ ପାରୁଥିବା ଉଚିତ ।

ଅହିଂସା ଆଦୌ ଏକ ଖାଦ୍ୟଶାସ୍ତ୍ର ନୁହେଁ, ତା'ଠାରୁ ଅନେକ ବେଶୀ । ଜଣେ ମନୁଷ୍ୟ କ'ଣ ଖାଉଛି ବା ପିଉଛି, ତାହାର ସେପରି କୌଣସି ମହତ୍ୱ ନାହିଁ; ତା'ପଛରେ ଯେଉଁ ଆତ୍ମତ୍ୟାଗ ତଥା ଆତ୍ମସଂଯମ ରହିଛି, ତାହାର ହିଁ ମହତ୍ୱ ଅଛି । ତୁମ ଖାଦ୍ୟର ସାମଗ୍ରୀମାନ ବାଛିଲାବେଳେ ତୁମେ ଯଥାସମ୍ଭବ ଅଧିକ ସଂଯମ ଅବଲମ୍ବନ କରିବ । ଏହି ସଂଯମ ଅବଶ୍ୟ ପ୍ରଶଂସାର୍ହ, ଏହାର ଏକ ଆବଶ୍ୟକତା ମଧ ରହିଛି । ମାତ୍ର ତାହା କେବଳ ଅହିଂସାର ଧାରଟିକୁ ହିଁ ସ୍ପର୍ଶ କରି ପାରୁଛି । ଜଣେ ବ୍ୟକ୍ତି ଆପଣାର ଆହାରସମ୍ବନ୍ଧୀ କ୍ଷେତ୍ରରେ ହୁଏତ ପରିସରଟିକୁ ଅତ୍ୟନ୍ତ ପ୍ରଶସ୍ତ କରି ରଖିପାରେ ଅଥଚ ଅହିଂସାର ଜଣେ ସାକାର ଦୃଷ୍ଟାନ୍ତରୂପେ ଆମର ସମ୍ମାନକୁ ଦାବି କରିପାରେ । କାରଣ, ତା'ର ହୃଦୟରେ ସବୁବେଳେ ଭଲ ପାଇବା ଉଚ୍ଛୁଳି ଉଠୁଥାଏ । ସେ ଆଉ ଜଣକର ଦୁଃଖ ଦେଖିଲେ ବିଚଳିତ ହୋଇ ଯାଉଥାଏ ଏବଂ ତା'ଭିତରେ ଆଦୌ କୌଣସି ଉଗ୍ର ବାସନା ଅବଶେଷ ନ ଥାଏ । ଅନ୍ୟ ପକ୍ଷରେ, ଜଣେ ବ୍ୟକ୍ତି ଆହାର ବିଷୟରେ ସର୍ବଦା ଅତିବେଶୀ ନିୟମନିଷ୍ଠ ହୋଇଥିଲେ ମଧ ଅହିଂସା ବିଷୟରେ ସମ୍ପୂର୍ଣ୍ଣ ଅନବଗତ ଥାଇପାରେ, ଜଣେ ଦୟନୀୟ ହତବଳ ବ୍ୟକ୍ତି ହୋଇ ରହି ଥାଇପାରେ କାରଣ, ସେ ନିଜ ସ୍ୱାର୍ଥପରତା ଏବଂ ଉଗ୍ର ବାସନାଗୁଡ଼ିକର ଦାସ ହୋଇ ରହିଥାଏ ଓ ତା'ର ହୃଦୟ ଅତ୍ୟନ୍ତ କଠିନ ହୋଇଥାଏ ।

ଏହି କଥାଟିକୁ ମଧ ସ୍ମରଣ ରଖିବାକୁ ହେବ ଯେ, କେବଳ ଜୀବଦୟା ଆମକୁ ନିଜ ଭିତରର ଷଡ଼ରିପୁଙ୍କୁ, କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟକୁ ଅତିକ୍ରମ କରିଯିବା ପାଇଁ କଦାପି ସମର୍ଥ କରି ପାରିବେ ନାହିଁ । ଯେଉଁ ବ୍ୟକ୍ତି କ୍ରୋଧ ଏବଂ କାମରେ ପୂରି ରହିଥିବ ମାତ୍ର ତେଣେ ପ୍ରତ୍ୟହ ପିମ୍ପୁଡ଼ି ଓ ପତଙ୍ଗମାନଙ୍କୁ ଖାଇବାକୁ ଦେଉଥିବ ବା କେବେ କୌଣସି ହତ୍ୟା କରୁ ନ ଥିବ, ତା'ର ଜୀବଦୟା ମଧରେ ପ୍ରଶଂସା କରିବାଭଳି କିଛି କ୍ୱଚିତ୍ ରହିଥାଏ । ସେ ଯନ୍ତ୍ରବତ୍ ସବୁକିଛି କହି ଯାଉଥାଏ ଓ ତାହାର କୌଣସି ଅଧ୍ୟାତ୍ମମୂଲ୍ୟ ନଥାଏ । ଏହା ହୁଏତ ଆହୁରି ଅଧିକ କିଛି ମଧ ହୋଇ ପାରେ । ଅର୍ଥାତ୍ ଭିତରେ ରହିଥିବା ଦୁରାଚରଣ ଉପରେ ତାକୁ ଘୋଡ଼ାଇ ରଖୁବା ପାଇଁ ଏହା ଏକ କପଟତାପୂର୍ଣ୍ଣ ଆବରଣ ପରି ମଧ କାର୍ଯ୍ୟ କରିପାରେ ।

ଶୃଙ୍ଖଳା କୌଣସି ଶ୍ରେଣୀଭେଦ ଜାଣେନାହିଁ । ଯେଉଁ ରାଜା ଶୃଙ୍ଖଳାର ମୂଲ୍ୟକୁ ବୁଝିଥାଏ, କେତେକ ସ୍ତରରେ ସେ ତା'ର ପରିକରର କଥାକୁ ମଧ ମାନେ ଏବଂ ତାହାକୁ ଏକମାତ୍ର ବିଚାରପତି ରୂପେ ନେଇ ବସାଇଥାଏ ।

ଉଚ୍ଚତମ ସ୍ତରର ସ୍ୱାଧୀନତା ସହିତ ସର୍ବାଧିକ ପରିମାଣର ଶୃଙ୍ଖଳା ଏବଂ ବିନୟ ସହଚର ପରି ହୋଇ ରହିଥାଏ । ଶୃଙ୍ଖଳା ଓ ବିନୟରୁ ଯେଉଁ ସ୍ୱାଧୀନତାର ଉଦ୍‌ଭବ ହୁଏ, ତାହାକୁ କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ । ଆଦୌ କୌଣସି ଲଗାମ ନଥିବା ସ୍ୱେଚ୍ଛାଚାରିତା ନିଜପାଇଁ ତଥା ନିଜର ପ୍ରତିବେଶୀମାନଙ୍କ ପାଇଁ ସମାନଭାବରେ ଏକ ଅସଭ୍ୟତା ହୋଇ ରହିଥାଏ ।

ମୁଁ ଏପରି ଏକାଧିକ ଅବସରର କଳ୍ପନା କରି ପାରିବି, ଯେତେବେଳେ କି କାରଣଗୁଡ଼ିକୁ ବିବେଚନା କରି ଦେଖିବା ସକାଶେ ଆଦୌ ଅପେକ୍ଷା ନ କରି ପରୋକ୍ଷଭାବରେ ମାନିନେବା ଏକ ଆବଶ୍ୟକତା ହୋଇଯାଏ । ଏହା ହେଉଛି ମୂଳତଃ ଜଣେ ସୈନିକର ଗୁଣ । ଯେଉଁ ଜାତିର ବହୁସଂଖ୍ୟକ ବ୍ୟକ୍ତିଙ୍କ ପାଖରେ ସେହି ଗୁଣଟିର ଅଭାବ ଥାଏ, ସେହି ଜାତି କଦାପି କୌଣସି ଯଥାର୍ଥ ଅଗ୍ରଗତି କରିପାରେ ନାହିଁ । ମାତ୍ର ଏପରି ଆଦେଶ ପାଳନର ଅବସର ଖୁବ୍ କମ୍ ଆସିଥାଏ ଏବଂ ଯେକୌଣସି ସୁସଙ୍ଗଠିତ ସମାଜରେ ତାହା ସେହିପରି କ୍ୱଚିତ୍ ହୋଇ ହିଁ ରହିଥିବା ଉଚିତ ।

ବୃହତ୍ ତଥା ସ୍ଥାୟୀ ଭାବରେ କିଛି ହାସଲ କରି ପାରିବାକୁ ହେଲେ ଏକ କଠୋର ଏବଂ ଅଶ୍ରାନ୍ତ ଶୃଙ୍ଖଳା ଅବଶ୍ୟ ରହିଥିବା ଉଚିତ । ବୁଦ୍ଧି ପ୍ରୟୋଗ କରି ଯୁକ୍ତି କଲେ କିମ୍ବା ଧୀଷଣା ବା ତର୍କଣା ସ୍ଥାନରେ ଆବେଦନ କରିବାରେ ଲାଗିଥିଲେ ମଧ ସେହି ଶୃଙ୍ଖଳା କେବେହେଲେ ସମ୍ଭବ ହେବନାହିଁ । କେବଳ ବିପତ୍ତିର ବିଦ୍ୟାଳୟରେ ହିଁ ଶୃଙ୍ଖଳାର ଶିକ୍ଷା ସମ୍ଭବ ହୋଇଥାଏ । ଆଦୌ କୌଣସି ରକ୍ଷାଢ଼ାଲର ବ୍ୟବହାର ନ କରି ଉତ୍ସାହୀ ତରୁଣମାନେ ଦାୟିତ୍ୱପୂର୍ଣ୍ଣ ନାନା କାର୍ଯ୍ୟ ନିମନ୍ତେ ଯେତେବେଳେ ଆପଣାକୁ ପ୍ରଶିକ୍ଷଣ ଦାନ କରିବେ, ସେତେବେଳେ ଯାଇ ସେମାନେ ଅସଲ ଦାୟିତ୍ୱ ଓ ଶୃଙ୍ଖଳାର ପରିଚୟ ପାଇ ପାରିବେ ।

ସ୍ୱତଃପ୍ରବୃତ୍ତ ଶୃଙ୍ଖଳା ହେଉଛି ସାମୂହିକ ସ୍ୱାଧୀନତାର ସର୍ବମୂଳ କଥା ।... ସ୍ୱାଧୀନତା ହାସଲ କରିବାକୁ ଅଗ୍ରସର ହେଉଥିବା ଗୋଟିଏ ଜାତି ପାଇଁ ଯେଉଁ ଶୃଙ୍ଖଳା ଆବଶ୍ୟକ, ତାହା ଏକ ସୈନ୍ୟବାହିନୀର ଅଗ୍ରସର ହେବା ବେଳରେ ଶୃଙ୍ଖଳାଠାରୁ ନିଶ୍ଚୟ ଅନେକ ଗୁଣ ଅଧିକ ହେବ । ଏହି ଶୃଙ୍ଖଳାର ଅଭାବ ରହିଥିଲେ ରାମରାଜ୍ୟ ଅର୍ଥାତ୍ ପୃଥିବୀରେ ଭଗବାନଙ୍କର ସାମ୍ରାଜ୍ୟ ପ୍ରତିଷ୍ଠା କେବଳ ଏକ ପୋଲା ସ୍ୱପ୍ନ ହୋଇ ହିଁ ରହିଥିବ ।

ଗୋଟିଏ ବୃହତ୍ ଜାତି ହେବାଲାଗି ଆକାଂକ୍ଷା ରହିଥିବା ଗୋଟିଏ ଜନସମୂହ ନିମନ୍ତେ ସାମୂହିକ ଶୃଙ୍ଖଳା ହେଉଛି ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ପୂର୍ବସର୍ତ୍ତ ।

## ସ୍ୱର୍ବେଦ

**ଅଥୁରାଧନ ପ୍ରଭୁ କା କରେ, ଜିନ**
**ଜିନ ଗୁଣନ ସ୍ୱଭାଓ ।**
**ସୋ ସୋ ଗୁଣ ଜନ ଆଓହୀଁ,**
**ପାସ୍ୟ ଉପାସକ ଭାଓ ।।୨୫।।**


ଭାଷ୍ୟ - ଉପାସକ ନିଜର ଭାବ ଅନୁସାରେ ଯେଉଁ ଗୁଣ ଏବଂ ସ୍ୱଭାବ ଦ୍ୱାରା ପ୍ରଭୁଙ୍କର ଉପାସନା କରେ, ସେହି ଗୁଣଗୁଡ଼ିକ ତାହାର ଅନ୍ତରକୁ ପ୍ରବେଶ କରିଥାଏ । ଧ୍ୟେୟର ଗୁଣ ଧ୍ୟାତାରେ ଆସିଥାଏ । ଏହା ଉପାସନାର ବିଶେଷତା ଅଟେ ।

**ଆତ୍ମ ଶକ୍ତି ଜୋ ପ୍ରକୃତି କା,**
**ସଂଯମ ବାହର ହୋୟ ।**
**ନାନା ଭେଦ ଓିଭାଗ ମେଁ, ଯହ**
**ଓିଭୂତି କହ ସୋୟ ।।୨୬।।**

ଭାଷ୍ୟ - ଆତ୍ମାର ଶକ୍ତି ନାନା ପ୍ରକାରରେ ପ୍ରକୃତି ପ୍ରଦେଶରେ ସଂଯମତା ଅବଲମ୍ବନ କରିବା ଦ୍ୱାରା ଯାହା ବାହାରେ ପ୍ରକଟ ହୋଇଥାଏ ତାହାକୁ ବିଭୂତି କହନ୍ତି ।

**ଭେଦ ଓିହଙ୍ଗମ ଯୋଗ ସେ,**
**ସିଦ୍ଧି ସ୍ୱାଭାଓିକ ହୋୟ ।**
**ଯଦି ଇଚ୍ଛା ଜନ କରତ ହୈଁ, ପ୍ରଭୁ**
**ପ୍ରଭାଓ୍ୱ ଜନ ସୋୟ ।।୨୭।।**

ଭାଷ୍ୟ - ନିଜ ଇଚ୍ଛାନୁକୂଳ ପ୍ରଭୁ କୃପାରୁ ବିହଙ୍ଗମ ଯୋଗର ଭେଦ ସାଧନ ଦ୍ୱାରା ସ୍ୱାଭାବିକ ସିଦ୍ଧି ପ୍ରାପ୍ତ ହୋଇଥାଏ । ପରଂବ୍ରହ୍ମ ଜଡ଼ ଏବଂ ଚେତନ ସମସ୍ତ ଶକ୍ତିମାନଙ୍କର ଆଧାର ଅଟନ୍ତି । ତାହା ପ୍ରାପ୍ତି ହେବା ପରେ ସମସ୍ତ ଜ୍ଞାନ ଏବଂ ଶକ୍ତି




ସ୍ୱାଭାବିକ ଭାବରେ ଜଣକ ପାଖରେ ପ୍ରକଟ ହୁଏ । ଏହାକୁ ଯୋଗୈଶ୍ୱର୍ଯ୍ୟ ଅଥବା ଯୋଗବଳ କହନ୍ତି ।

**ଯୋଗୀ ଇଚ୍ଛା କେ କିୟେ, ତବ**
**ଜାନେ ଜୋ ଜାନ ।**
**ଅମିତ ଜ୍ଞାନ ପ୍ରଭୁ ସହଜ ହୈଁ,**
**ହରି ସର୍ବଜ୍ଞ ମହାନ ।।୨୮।।**

ଭାଷ୍ୟ - ଯୋଗୀ ଯେତେବେଳେ କୌଣସି ପଦାର୍ଥର ଇଚ୍ଛା କରେ, ସେତେବେଳେ ସେ ସେହି ପଦାର୍ଥର ଜ୍ଞାନ କରିଥାଏ । କିନ୍ତୁ ଅନନ୍ତ ସର୍ବଜ୍ଞ ମହାପ୍ରଭୁଙ୍କ ଠାରେ ଅନନ୍ତ ଜ୍ଞାନ ସ୍ୱାଭାବିକ ଏବଂ ସହଜ ରୂପରେ ସଦୈବ ବିଦ୍ୟମାନ ଥାଏ, ତାଙ୍କ ନିକଟରେ କୌଣସି ପଦାର୍ଥକୁ ଜାଣିବାର ଚେଷ୍ଟା ହୋଇ ନ ଥାଏ । ଏହା ସର୍ବଜ୍ଞ ପରମ ପରୁଷଙ୍କର ମହତି ମହିମା ଅଟେ ।

**ସର୍ବ ତତ୍ତ୍ୱ କା ଜ୍ଞାନ ହୈଁ, ବିନା**
**ମିଲେ ଉପଦେଶ ।**
**କର ପ୍ରୟୋଗ ସବ ଭାଁତି ସେ,**
**ଜ୍ଞାନ ଓିଓ୍ୱେକଜ ଦେଶ ।।୨୯।।**

ଭାଷ୍ୟ - ବାହ୍ୟ ଜ୍ଞାନ ଉପଦେଶ ବିନା ସ୍ୱତଃ ଭାବରେ ପ୍ରକଟ ହେଉଥିବା ସମସ୍ତ ପ୍ରକାର ବିଷୟକୁ ସର୍ବଦା ଜାଣୁଥିବା ଜ୍ଞାନକୁ ବିବେକ ଜାତ ଜ୍ଞାନ ବୋଲି ଅଭିହିତ କରାଯାଏ ।

**ଜ୍ଞାନ ଓିଓ୍ୱେକଜ ପୂର୍ଣ୍ଣ ହୈଁ,**
**ଲୌକିକ କର୍ମ ଅସଙ୍ଗ ।**
**ଅନୁଭଓ୍ୱ ସହଜ ପ୍ରୟୋଗ ହୈଁ,**
**ଓିଓ୍ୱିଧ ଓିଭେଦ ଅଭଙ୍ଗ ।।୩୦।।**

ଭାଷ୍ୟ - ଲୌକିକ କର୍ମ ଶୂନ୍ୟ, ବିବିଧ ଭେଦଗୁଡ଼ିକ ସହିତ ଯୁକ୍ତ ସହଜ ଅନୁଭବ ପ୍ରୟୁକ୍ତ ପୂର୍ଣ୍ଣ ବିବେକରୁ ଜାତ ଜ୍ଞାନ ଅଟେ ।

**ଜଡ଼ ଅନାତ୍ମ କୋ ତ୍ୟାଗ କର,**
**ସ୍ଥିର ଆତ୍ମ ସ୍ୱରୂପ ।**
**ଚେତନ ମେଁ ଚେତନ ଲଗେ,**
**ମହା ତ୍ୟାଗ କର ରୂପ ।।୩୧।।**

ଭାଷ୍ୟ - ଯୋଗ ଦ୍ୱାରା ଜଡ଼ ଜଗତର ତ୍ୟାଗ ଚେତନ ଆତ୍ମସ୍ୱରୂପରେ ସ୍ଥିତ ହୋଇ ଚେତନ ସହ ଚେତନର ସମ୍ବନ୍ଧ ମହାତ୍ୟାଗ ଅଟେ । ଅର୍ଥାତ୍ ପ୍ରକୃତିକୁ ତ୍ୟାଗ କରି ଚେତନ ଆତ୍ମସ୍ୱରୂପରେ ପରଂବ୍ରହ୍ମଙ୍କ ସହିତ ସମ୍ବନ୍ଧ ମହାତ୍ୟାଗ ଅଟେ ।

**କର୍ମ ମେଁ କରତାପନ ନହୀଁ,**
**ତ୍ରିଗୁଣଜନ୍ୟ କ୍ରିୟମାନ ।**
**ଆତ୍ମ ଅସଙ୍ଗ ଅକର୍ମ ହୈଁ, ମହ**
**କରତା ପରଧାନ ।।୩୨।।**

ଭାଷ୍ୟ - ପ୍ରକୃତିର ତ୍ରିଗୁଣରୁ ସୃଷ୍ଟି କର୍ମ ସ୍ୱାଭାବିକ ଭାବରେ ହେଉଅଛି । ମାତ୍ର ଆତ୍ମା ସେହି ସମସ୍ତ କର୍ମଗୁଡ଼ିକରେ ନିଜ କର୍ତ୍ତୃତ୍ୱର ଭାବ ରଖେ ନାହିଁ । ସେହି ମହାନ୍ ଅସଙ୍ଗ ଅବସ୍ଥାରେ ଯେଉଁ କର୍ମ ହୋଇଥାଏ, ତାକୁ ଅକର୍ମ ବୋଲି ଅଭିହିତ କରାଯାଏ । ସେପରି ଅକର୍ମ କରୁଥିବା ଜୀବନ୍ମୁକ୍ତ ପୁରୁଷଙ୍କୁ ମହାକର୍ତ୍ତା ବୋଲି କୁହାଯାଏ ।

**ଲିପ୍ତ ନ ଇନ୍ଦ୍ରିନ ଅର୍ଥ ମେଁ, ଅନ**
**ଇଚ୍ଛିତ ରସ ଭୋଗ ।**
**ମହ ଭୋଗୀ ନିର୍ଲେପ ହୈଁ,**
**ଭୋଗ ନହୀଁ ଓ୍ୱହ ଭୋଗ ।।୩୩।।**

ଭାଷ୍ୟ - ସେହି ଯୋଗୀ ଇନ୍ଦ୍ରିୟମାନଙ୍କର ଅର୍ଥରେ ଲିପ୍ତ ନୁହନ୍ତି । ଅନିଚ୍ଛିତ ଭାବରେ ସମସ୍ତ ଇନ୍ଦ୍ରିୟମାନଙ୍କୁ ଭୋଗ କରୁଥିବାରୁ ସେ ନିର୍ଲେପ ମହାଭୋଗୀ ଅଟନ୍ତି । ସେଗୁଡ଼ିକର ଭୋଗ ଅସଙ୍ଗ ହୋଇଥିବାରୁ ଭୋଗ ପଦବାଚ୍ୟ ନୁହେଁ । ଅତଏବ ସେହି ପୁରୁଷ ମହାଭୋଗୀ ଅଟନ୍ତି ।

**ଶ୍ୱସତ ସନ୍ତ ଦୁଖ ସୁଖ ନହୀଁ, ସନ୍ତ**
**ଅସଙ୍ଗ ଅନଙ୍ଗ ।**
**ଜିଓ୍ୱନ୍ମୁକ୍ତ ଜଗ ହୈଁ ରହେଁ, ରତ**
**ଅଧ୍ୟାତ୍ମ ପ୍ରସଙ୍ଗ ।।୩୪।।**

ଭାଷ୍ୟ - ଆଧ୍ୟାତ୍ମ ସହ ଜଡ଼ିତ ଜୀବନ୍ମୁକ୍ତ ଯୋଗୀ ଇନ୍ଦ୍ରିୟ ବିଷୟାଦି ପ୍ରତି ଅନାସକ୍ତ ରହୁଥିବାରୁ ତାଙ୍କର ସମ୍ବନ୍ଧ ହେଲେ ସୁଦ୍ଧା ତାଙ୍କୁ ଦୁଃଖ ଅଥବା ସୁଖ ଲେଶମାତ୍ର ସ୍ପର୍ଶ କରିପାରେ ନାହିଁ । ସେ ସଂସାର ପ୍ରତି ବୀତସ୍ପୃହ ହୋଇ ଭଜନ ଏବଂ ପରମାନନ୍ଦରେ ନିମଗ୍ନ ରହିଥାନ୍ତି ।

## ଆସୁରୀ ସ୍ୱଭାବ ବିଶିଷ୍ଟ ବ୍ୟକ୍ତିଙ୍କର ପ୍ରବୃତ୍ତି ଓ ନିବୃତ୍ତି

ଆସୁରୀ ପ୍ରକୃତିର ମନୁଷ୍ୟମାନେ କେଉଁଥିରେ ପ୍ରବୃତ୍ତ ହେବା ଉଚିତ ଓ କେଉଁଥିରୁ ନିବୃତ୍ତ ହେବା ଉଚିତ- ଏହାକୁ ଜାଣନ୍ତି ନାହିଁ ଏବଂ ସେମାନଙ୍କ ଠାରେ ନା ଶୁଚିତା, ନା ଶ୍ରେଷ୍ଠ ଆଚରଣ ଓ ନା ସତ୍ୟପାଳନର ପ୍ରବୃତ୍ତି ରହିଥାଏ । ମନୁଷ୍ୟକୁ ସେହି କାର୍ଯ୍ୟରେ ପ୍ରବୃତ୍ତ ହେବା ଆବଶ୍ୟକ, ଯାହାର ଆଚରଣ ବା ଅନୁଶୀଳନ ଦ୍ୱାରା ସ୍ୱଙ୍କର ପରିମାର୍ଜନ ଅଥବା ଲୋକକଲ୍ୟାଣର ସମ୍ଭାବନା ହେଉଥିବ । ଯେଉଁ କର୍ମର ଆଚରଣ ଦ୍ୱାରା ସ୍ୱଙ୍କର ତଥା ସମଷ୍ଟିର ଅକଲ୍ୟାଣ ହେଉଥାଏ, ସମସ୍ତଙ୍କୁ ହାନି ହେଉଥାଏ- ସେହି କର୍ମ ନିବୃତ୍ତିର ଯୋଗ୍ୟ ହୋଇଥାଏ ।

ଏପରି ବ୍ୟକ୍ତିମାନେ ପୁଣି ସେହି କାର୍ଯ୍ୟରେ ପ୍ରବୃତ୍ତ ହୋଇଥାନ୍ତି, ଯେଉଁଥିରେ ସେମାନଙ୍କୁ କେବଳ ସୁଖ ମିଳିବା ଦେଖା ଯାଇଥାଏ ଏବଂ ଯେଉଁ କର୍ମକୁ କରିବାରେ ସ୍ୱଙ୍କର ସ୍ୱାର୍ଥସିଦ୍ଧି ହେବା ଦେଖାଯାଏ ନାହିଁ, ସେହି କର୍ମରୁ ସେମାନଙ୍କର ନିବୃତ୍ତି ହୋଇଥାଏ ଅର୍ଥାତ୍ ସେମାନେ ସେହି କର୍ମ କରିବାରୁ ଦୂରେଇ ଯାଇଥାନ୍ତି ।

ମହାଭାରତରେ ବିଦୁର ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ସମ୍ବାଦ ପ୍ରକରଣ ଆସିଥାଏ, ଯେଉଁଥିରେ ବିଦୁର ଦୁର୍ଯ୍ୟୋଧନଙ୍କୁ ପ୍ରଶ୍ନ କରିଛନ୍ତି ଯେ ଯେତେବେଳେ ଦୁର୍ଯ୍ୟୋଧନ ଓ ଯୁଧିଷ୍ଠିର ଉଭୟ ଗୋଟିଏ ଗୁରୁକୁଳକୁ ଶିକ୍ଷା ଗ୍ରହଣ କରିବାକୁ ଗଲେ, ଯେତେବେଳେ ଉଭୟଙ୍କୁ ପଢ଼ାଉବାର ଆଚାର୍ଯ୍ୟ ଜଣେ ହିଁ ଥିଲେ, ଦୁଇ ଜଣଙ୍କର ସହପାଠୀ ସମାନ ଥିଲେ ସେତେବେଳେ କେଉଁ କାରଣରୁ ଏକାପରି ପରିବେଶ ମିଳିବା ସତ୍ତ୍ୱେ ମଧ୍ୟ ଯୁଧିଷ୍ଠିର ଧର୍ମର ପ୍ରତୀକ ହୋଇ ସର୍ବଦା ଶ୍ରେଷ୍ଠ ଆଚରଣ କରିବାର ଦେଖାଗଲେ, କିନ୍ତୁ ଦୁର୍ଯ୍ୟୋଧନ ସର୍ବଦା ଅଧର୍ମ, ଅନୀତି ପଥରେ ଚାଲିବା ଏବଂ ଦୁରାଚରଣ କରିବାର ଦେଖାଗଲେ ।

ପ୍ରତ୍ୟୁତ୍ତରରେ ଦୁର୍ଯ୍ୟୋଧନ କହିଥିଲା– ମୁଁ ଜାଣୁଛି ଯେ ଧର୍ମ କ'ଣ, ପରନ୍ତୁ ସେହି ଆଡ଼କୁ ମୋର ପ୍ରବୃତ୍ତି ନାହିଁ । ମୁଁ ଏହା ମଧ୍ୟ ଜାଣୁଛି ଯେ ଅଧର୍ମ କ'ଣ, ପରନ୍ତୁ ସେଥିରୁ ମୋର ନିବୃତ୍ତ ହୋଇପାରୁ ନାହିଁ । ଯେପରି କୌଣସି ଶକ୍ତି ମୋ ହୃଦୟରେ ଆସୀନ ହୋଇଛି ଏବଂ ତାହା ଯେଉଁ ଦିଗରେ ମୋତେ ନିଯୁକ୍ତ କରିଦିଏ, ମୁଁ ସେହି କର୍ମ କରିବାରେ ତତ୍ପର ହୋଇଯାଏ । ଆସୁରୀ ପ୍ରବୃତ୍ତି ବିଶିଷ୍ଟ ଲୋକମାନଙ୍କର ଆଚରଣ ଏହି ପ୍ରକାର ହୋଇଥାଏ । ଶ୍ରୀଭଗବାନ କହିଛନ୍ତି, ଯେହେତୁ ଆସୁରୀ ପ୍ରବୃତ୍ତିର ମନୁଷ୍ୟମାନେ ପ୍ରବୃତ୍ତି ଓ ନିବୃତ୍ତି, କ'ଣ କରିବା ଓ କ'ଣ ନ କରିବ - ଏହି ଦୁଇଟିକୁ ଜାଣନ୍ତି ନାହିଁ, ସେଥିପାଇଁ ସେମାନଙ୍କ ମଧ୍ୟରେ ନା ଶୁଚିତା ଥାଏ ନା ସେମାନେ ଶ୍ରେଷ୍ଠ ଆଚରଣ କରନ୍ତି ଏବଂ ନା ସେମାନେ ସତ୍ୟପାଳନ କରିଥାନ୍ତି । ଏଠାରେ ଶୁଚିତାର ଅର୍ଥ କେବଳ ବାହ୍ୟ ସ୍ୱଚ୍ଛତା ନୁହେଁ ବରଂ ମନ, ବିଚାର ଓ ଭାବନାର ପବିତ୍ରତାକୁ ମଧ୍ୟ ଇସାରା କରିଥାଏ ।

ଶ୍ରେଷ୍ଠତାର ଅଭିମାନର ଅଭାବ, ଦୟାଚରଣର ଅଭାବ, କୌଣସି ପ୍ରାଣୀକୁ ଯେକୌଣସି ପ୍ରକାରେ ହଇରାଣ ନ କରିବା, କ୍ଷମା ଭାବ, ମନ-ବାଣୀର ସରଳତା, ଶ୍ରଦ୍ଧାସିକ୍ତ ହୋଇ ଗୁରୁଙ୍କ ସେବା, ବାହାର-ଭିତରର ଶୁଦ୍ଧି, ଅନ୍ତଃକରଣର ସ୍ଥିରତା ଏବଂ ମନ-ଇନ୍ଦ୍ରିୟ ସହିତ ଶରୀରର ନିଗ୍ରହ କରିବା ଦ୍ୱାରା ଜ୍ଞାନର ପ୍ରାପ୍ତି ହୋଇଥାଏ । ଏହି ଶ୍ଳୋକରେ ସେ ଶୌଚକୁ ବିସ୍ତାର ପୂର୍ବକ ବୁଝାଇ କହିଛନ୍ତି, ସତ୍ୟତାପୂର୍ବକ ଶୁଦ୍ଧ ଓ ପବିତ୍ର ବ୍ୟବହାର କରିବା ଦ୍ୱାରା ଦ୍ରବ୍ୟର ଶୁଦ୍ଧି ହୋଇଥାଏ, ସେହି ଦ୍ରବ୍ୟର ଉପାର୍ଜିତ ଅନ୍ନ ଦ୍ୱାରା ଆହାର ଶୁଦ୍ଧି ହୋଇଥାଏ ।

ଯଥାଯୋଗ୍ୟ ଶୁଦ୍ଧ ବ୍ୟବହାର ଦ୍ୱାରା ଆଚରଣର ଶୁଦ୍ଧି ହୋଇଥାଏ ଏବଂ ଜଳ ତଥା ମାଟି ଦ୍ୱାରା ପ୍ରକ୍ଷାଳନ କଲେ ଶରୀରର ଶୁଦ୍ଧି ହୋଇଥାଏ । ଏସବୁ ବାହ୍ୟ ଶୁଦ୍ଧି ଅଟେ । ଏହା ସହିତ ରାଗ-ଦ୍ୱେଷ, ଛଳ-କପଟ ଆଦି ବିକାର ନାଶ ହୋଇ ଅନ୍ତଃକରଣ ସ୍ୱଚ୍ଛ ହୋଇଯିବାର ନାମ ଅଭ୍ୟନ୍ତର ଶୁଦ୍ଧି ଅଟେ । ଏହି ଦୁଇଟି ଶୁଦ୍ଧିକରଣର ସମ୍ମିଳିତ ଅର୍ଥକୁ ଶୌଚ କୁହାଯାଏ । ଶ୍ରୀଭଗବାନ କହିଛନ୍ତି ଯେ ଆସୁରୀ ସ୍ୱଭାବ ବିଶିଷ୍ଟ ବ୍ୟକ୍ତିଙ୍କ ଠାରେ ବାହାର ଏବଂ ଭିତର ପବିତ୍ରତାର ଅଭାବ ରହିଥାଏ । ଏହା ସହିତ ତାଙ୍କଠାରେ ଏପରି ଆଚରଣର ମଧ୍ୟ ଅଭାବ ରହି ଥାଏ, ଯାହା ବାହ୍ୟ ତଥା ଭିତର ପବିତ୍ରତାକୁ ଯଥାବତ୍ ରଖିଥାଏ । ଏହା ସହିତ ହିଁ ସେ ନିଷ୍କପଟ, ହିତକର, ସତ୍ୟ ଭାଷଣ କରିବାରେ ବିମୁଖ ହୋଇଥାଏ । ଏହି ପ୍ରକାର ଏହି ସୂତ୍ରରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସ୍ପଷ୍ଟ କରିଛନ୍ତି ଯେ ଆସୁରୀ ସ୍ୱଭାବ ବିଶିଷ୍ଟ ବ୍ୟକ୍ତିଙ୍କର ବିବେକ ନଥାଏ, ଯାହା ଫଳରେ ସେମାନେ ଧର୍ମ କ'ଣ, ଅଧର୍ମ କ'ଣ ଜାଣି ପାରି ନ ଥାନ୍ତି ଏବଂ ଯଦି ସେମାନେ ଜାଣିଥାନ୍ତି ତେବେ ସେମାନଙ୍କର ଧର୍ମରେ ପ୍ରବୃତ୍ତି ହୁଏ ନାହିଁ, ବରଂ ଅଧର୍ମରେ ପ୍ରବୃତ୍ତି ହୋଇଥାଏ । ସେଥିପାଇଁ ସେମାନଙ୍କର ଶୁଚିତାର, ଶ୍ରେଷ୍ଠ ଆଚରଣର ତଥା ସତ୍ୟ ଭାଷଣର ସର୍ବଦା ଅଭାବ ରହିଥାଏ ।

## ଭାରତୀୟ... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଆଜି ଆମକୁ ସେହି ଧର୍ମର ଆବଶ୍ୟକତା ରହିଛି, ଯାହା ଆମକୁ ଜୀବନର ସମ୍ୟକ୍ ବୃଦ୍ଧି ଦେଇ ମାନବ ଧର୍ମର ବୋଧ କରାଇ ଆଧାୟିକ ତତ୍ତ୍ୱରେ ମନୁଷ୍ୟକୁ ପ୍ରତିଷ୍ଠିତ କରି ବିଭିନ୍ନ ସଂସ୍କୃତି-ସମାଜ ମଧ୍ୟରେ ସମ୍ବାଦ-ସେତୁ ରୂପେ ଏକ ସମାଧାନକର୍ତ୍ତାର ଭୂମିକାରେ ଆଗକୁ ଆସିବ । ଧର୍ମ ବ୍ୟକ୍ତିକୁ ଅନ୍ତର୍ମୁଖୀନ କରାଇ ତା' ମଧ୍ୟରେ ତ୍ୟାଗ, ସଂବେଦନା, ପାରସ୍ପରିକ ସଦ୍‌ଭାବର ଜାଗରଣ ଓ ବିକାଶ କରୁ । ବର୍ତ୍ତମାନ ସମୟରେ ଏହି ଧର୍ମ-ସଂବେଦନାକୁ ଜୀବନରେ ଧାରଣ କରି ଏହାର ତତ୍ତ୍ୱଜ୍ଞାନକୁ ଘରେ ଘରେ ପହଞ୍ଚାଇବା ଉଚିତ, ଯଦ୍ୱାରା ଆସ୍ଥା ସଙ୍କଟ ସହିତ ଯୁଝୁଥିବା ମାନବତା ଶାନ୍ତି, ସମାଧାନ ଓ ପ୍ରକାଶର ସତ୍ୟଯୁଗୀୟ ସମ୍ଭାବନାଗୁଡ଼ିକ ଦିଗରେ ଅଗ୍ରସର ହୋଇ ପାରିବ ।

## ଚକ୍ଷୁ ସମସ୍ୟା ସୃଷ୍ଟି କରିପାରେ ଧୂମପାନ

ଧୂମପାନ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ପ୍ରାୟ ଅନେକେ ଜାଣନ୍ତି । ଏଭଳି ଅଭ୍ୟାସ କେତେକ ରୋଗକୁ ତ ଡାକି ଆଣିଥାଏ, ତା'ସହ ଅକାଳରେ ମୃତ୍ୟୁର ଆଶଙ୍କା ମଧ୍ୟ ରହିଛି ।



ଧୂମପାନ ସମୟରେ ସିଗାରେଟ୍, ବିଡ଼ି, ଆଦିରୁ ନିର୍ଗତ ଧୂଆଁ ଆଖି ପାଇଁ କ୍ଷତିକାରକ । ଏଭଳି ଧୂଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ଚକ୍ଷୁଜନିତ ସମସ୍ୟା ଦେଖା ଦେବାର ଆଶଙ୍କା ରହିଛି ବୋଲି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ନିୟମିତ ଧୂମପାନ କରୁଥିବା କିଛି ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରିବା ଦ୍ୱାରା ଏକଥା ଜଣାପଡ଼ିଛି । ଏହି ଧୂଆଁରେ ଅନେକ ପ୍ରକାର ବିଷାକ୍ତ ତତ୍ତ୍ୱ ଭରି ରହିଛି । ଏହି ଧୂଆଁ ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ।

## ଟିକିଏ ହସନ୍ତୁ

**ପତ୍ନୀ :** ମୁଁ ପ୍ରତିଦିନ ପୂଜା କରୁଛି ହୁଏତ ଗୋଟିଏ ଦିନ ଶ୍ରୀକୃଷ୍ଣ ଦର୍ଶନ ହୋଇ ଯାଉ... କିନ୍ତୁ ତାହା କେବେ ବି ସମ୍ଭବ ହୋଇପାରୁନି ।

**ପତି :** ଥରେ ମୀରାବାଈ ହୋଇ କି ତ ବିଷ ପିଇ ଦିଅ ! ଶ୍ରୀକୃଷ୍ଣ କ'ଣ ଏକାଥରକେ ସବୁ ଭଗବାନଙ୍କ ଦର୍ଶନ ମିଳିଯିବ ।

× × ×

କିଛି ଧନୀ ଲୋକଙ୍କ ଆଲୋଚନା ଚାଲିଥାଏ

କିଏ କହିଲା ମୋ ବାଥରୁମ ୧୦ଲକ୍ଷ ତ କିଏ କହିଲା ୨୦ଲକ୍ଷ ତେବେ କେହି ଜଣେ କହିଲା ମୋର ୫୦ ଲକ୍ଷ ।

ଏମିତି ଚୁପ ରହିଥିବା ଗାଁର କୃଷକ କହିଲେ ଆରେ ମୁଁ ଶୌଚ ପାଇଁ ଯେଉଁଠାକୁ ପ୍ରତିଦିନ ଯାଉଛି ସେ କ୍ଷେତର ଦାମ ୭ କୋଟି । ଏମିତିରେ ମୁଁ ପ୍ରତିଦିନ ବାଥରୁମ୍ ବଦଳାଇ ଦେଉଥାଏ ।

× × × ×

ଥରେ ଇଞ୍ଜିନିୟରିଂ ଷ୍ଟୁଡେଣ୍ଟ ଛାତ ଉପରେ ଛିଡ଼ା ହୋଇଥିଲେ । ସେତେବେଳେ ଜଣେ ପଡୋଶୀ କହିଲେ : ପୁଅ କୁହ ଏବେ ତୁମେ କ'ଣ କରିବାକୁ ଚିନ୍ତା କରୁଛ ?

**ଷ୍ଟୁଡେଣ୍ଟ :** ବାସ୍ ଅଙ୍କଲ କିଛି ନୁହେଁ, ଏବେ କେବଳ ଟାଙ୍କି ଭରି ହେବାକୁ ଅପେକ୍ଷା କରିଛି, ଭରି ଗଲେ ମଟର ବନ୍ଦ କରିଦେବି ।



× × × ×

**ପିଙ୍କି :** ଏ ଟିଭି କେତେ ଦାମ ?

**ଦୋକାନୀ :** ୪୦,୦୦୦/-

**ପିଙ୍କି :** ଏତେ ମହଙ୍ଗା ? ଏମିତି କ'ଣ ଖାସ୍ ରହିଛି ?

**ଦୋକାନୀ :** ଏହା ଏତେ ଆଡଭାନ୍ସ ରହିଛି ଯେ, ଲାଇଟ ଯିବା ପରେ ଟିଭି ଅଟୋମେଟିକ୍ ବନ୍ଦ ହୋଇ ଯାଇଥାଏ ?

ଯୁବତୀ : ବାହାଃ ପ୍ୟାକ୍ କରିଦିଅ ।

× × × ×

ବାପା ଦେଖିଲେ ପୁଅ ଜିନ୍ସରେ ବଟନ ଲଗାଉଛି ।

**ବାପା :** ଆରେ ପୁଅ ତୋ ବାହାଘର କରି ବୋହୂ ଘରକୁ ଆଣିଲି, ପୁଣି ତୁ ତୋ ପ୍ୟାଣ୍ଟର ବଟନ ନିଜେ ଲଗାଉଛୁ !

**ପୁଅ :** ବାପା ତୁମେ ଭୁଲ ଭାବୁଛ ଏଇଟା ମୋ ଜିନ୍ସ ନୁହେଁ, ତୁମ ବୋହୂର !!!

× × × × × ×

**ଯୁବତୀ :** (ଫୁଲ ଦୋକାନକୁ ଯାଇ) ଭାଇ ଏ ଗୋଲାପ ଫୁଲ ଦାମ୍ କେତେ ?

**ଦୋକାନୀ :** ୫୦ଟଙ୍କା !

**ଯୁବତୀ:** ଏତେ ଦାମ୍ କାହିଁକି ?

**ଦୋକାନୀ :** ମୋ ମନ, ମୋ ନିୟମ, ମୋ ଦାମ, ମୋ ଫୁଲ... ତୁମେ କିଏ କହିବାକୁ ।

ଯୁବତୀ କାବା !

# ଅଁଳାର ଉପକାରିତା

ଆୟୁର୍ବେଦରେ ଅଁଳାର ଖୁବ୍ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଅଁଳାରେ କେବଳ ଔଷଧୀୟ ଗୁଣ ଭରି ରହିଛି ତାହା ନୁହେଁ ଏହା ପୂଜା କ୍ଷେତ୍ରରେ ମଧ ବ୍ୟବହାର କରାଯାଇଥାଏ । ଅଁଳା ଗଛରେ ମହାଲକ୍ଷ୍ମୀ ବାସ କରନ୍ତି ତେଣୁ ଏହି ଗଛପୂଜା ଉପଯୋଗୀ । ଏଥିସବୁ ଅଁଳା ତ୍ୱଚା ପାଇଁ ଖୁବ୍ ଉପଯୋଗୀ ।

ଅଁଳାରେ ସବୁଠାରୁ ବଡ଼ ଗୁଣ ହେଉଛି ଯେ, ଏଥିରେ ରୋଗ ପ୍ରତିରୋଧକ କ୍ଷମତା ଅଧିକ ମାତ୍ରାରେ ରହିଥାଏ । ଯାହାଦ୍ୱାରା ଏହା ଆମ ଶରୀରରେ ଛୋଟ'ବଡ଼ ରୋଗ ହେବାକୁ ଦିଏ ନାହିଁ । ରୋଗକୁ ଶୀଘ୍ର ଠିକ୍ କରି ଦେଇଥାଏ ।

ଅଁଳାରେ ଭିଟାମିନ୍ ସି'ର ସବୁଠାରୁ ଉତ୍ତମ ସ୍ରୋତ ରହିଛି । ଏଥିରେ ଭିଟାମିନ୍ ସି' ପ୍ରଚୁର ପରିମାଣରେ ରହିଛି । ୧୦୦ ଗ୍ରାମ ଅଁଳାରେ ୪୪୫



ମିଜି ଭିଟାମିନ୍ ସି' ତଥା ଆଣ୍ଟି ବ୍ୟାକ୍ଟେରିୟାଲ, ଆଣ୍ଟି କ୍ୟାନସର, ଆଣ୍ଟି ଇନଫ୍ଲେମେଟରୀ ଗୁଣ ଭରି ରହିଥାଏ ।

ଅଁଳା ନବମୀରେ ଅଁଳା ଗଛକୁ ପୂଜା କରାଯାଇଥାଏ । ଏହା ଏକ ଦେବ ଉପଯୋଗୀ ବୃକ୍ଷ ରୂପେ ପରିଚିତ । ଶନିଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଁଳା ବୃକ୍ଷ ମୂଳରେ ଶନିବାର ପୂଜା କରି ତେଲ ଦୀପ ଜଳାଇଲେ ଶନି ଦେବ ସନ୍ତୁଷ୍ଟ ହୋଇ ବର ପ୍ରଦାନ କରିଥାନ୍ତି ।

ଚ୍ୟବନପ୍ରାଶ ତିଆରି କରିବାରେ ଅଁଳା ସବୁଠାରୁ ମୁଖ୍ୟ ସାମଗ୍ରୀ । ଏହା ଦ୍ୱାରା ସର୍ଦ୍ଦି ଥଣ୍ଡା, କାଶ ଆଦି ରୋଗ ହୋଇ ନଥାଏ । ଏହା ରକ୍ତରେ ହିମୋଗ୍ଲୋବିନ ଚଢ଼ାଇ ଥାଏ ଲିଭର, ଫୁସଫୁସ୍ ସୁସ୍ଥ ରଖିବା ସହିତ ରକ୍ତକୁ ସଫା କରିଥାଏ ।

ଅଁଳା ଆଖି ପାଇଁ ଖୁବ୍ ଲାଭଦାୟକ । ଏହା ଦୃଷ୍ଟିଶକ୍ତି ପ୍ରଖର କରିଥାଏ । ଅଁଳା ସେବନ କରିବା ଦ୍ୱାରା ମୋତିଆବିନ୍ଦୁ, ଅନ୍ଧାରକଣା, ଆଖିର ଅନ୍ୟ ରୋଗ ଆଦିରେ ସୁଧାର ଆସିଥାଏ । ଅଁଳା ଓ ମହୁ ସହିତ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ଉତ୍ତମ ହୋଇଥାଏ ଓ ଆଖି ସଂକ୍ରମଣର ଭୟ କମ ରହିଥାଏ ।

ଅଁଳା ବଢ଼ୁଥିବା କୋଲେଷ୍ଟ୍ରୋଲ ଲେବଲକୁ କମ କରିଥାଏ ରକ୍ତଚାପ ସାମାନ୍ୟ ରଖିଥାଏ । ଅଁଳା ଡାଇବେଟିଜ ରୋଗୀଙ୍କୁ ବ୍ଲଡ ସୁଗର ଲେବଲ ବାଲାନ୍ସ କରିବା କାମ କରିଥାଏ ।

ନିୟମିତ ରୂପରେ ଅଁଳା ରସ ପିଇବା ଫଳରେ ଶରୀରରେ ସମସ୍ତ ପ୍ରକାର ବିଷାକ୍ତ ତତ୍ତ୍ୱରୁ ମୁକ୍ତି ମିଳିଥାଏ । ଅଁଳା ସେବନ କରିବାରେ ଲାଲ ରକ୍ତ କୋଷିକା ବଢ଼ାଇ ଦେଇଥାଏ । ଅଁଳା ଅସ୍ଥି ମଜଭୁତ କରିଥାଏ ଓ ଅସ୍ଥି ରୋଗର ଆଶଙ୍କାକୁ କମ୍ କରିଥାଏ ।

ଅଁଳା ଜୁସ୍ ପିଇବା ଦ୍ୱାରା କିଡନୀ ଷ୍ଟୋନରୁ ଆରାମ ମିଳିଥାଏ, ଏଥିପାଇଁ ଅଁଳା ଜୁସ୍ ସେବନ କରନ୍ତୁ ।

ଏଥିରେ ରକ୍ତ ଶୁଦ୍ଧ କରିବାର ଶକ୍ତି ରହିଛି । ଏହି କାରଣରୁ ଦାଗ ଚିହ୍ନ, ବ୍ରଣ, ଥକାପଣ, ଦୁର୍ବଳତା ଆଦି ସମସ୍ୟା ଦୂର କରେ ଅଁଳା । ଅଁଳା ଜୁସ୍ ପିଇବା ଦ୍ୱାରା ବହୁ ପ୍ରକାର ସ୍କିନ୍ ସମସ୍ୟା ଦୂର ହୁଏ ଓ ତ୍ୱଚା ଉଜ୍ଜ୍ୱଳତା ଭରିଦିଏ । କେଶ ପାଇଁ ଅଁଳା ଖୁବ୍ ଲାଭଦାୟକ । ମେହେନ୍ଦି ସହିତ ଅଁଳା ପାଉଡରକୁ କେଶରେ ଲଗାଇଲେ କେଶ ମଜଭୁତ, ଘନ ଓ ଚମକଦାର ହୋଇଥାଏ ।

## ଆପଣ ଜାଣନ୍ତି କି ?

- ଆଇରିସ୍ ଲେଖକ ବ୍ରାମ୍ ଷ୍ଟୋକର ହେଉଛନ୍ତି ଡ୍ରାକୁଲାର ମୂଳ ଲେଖକ ।
- ୧୯୭୫ ମସିହାରେ ସ୍ପେନୀୟ ସହରବାର୍ସେଲୋନାରେ ଜନ୍ ମାରିଓ ମ୍ୟୁଜିୟମ୍ ଖୋଲା ଯାଇଥିଲା ।
- ମାନବସତ୍ତାର ଗୁଣବତ୍ତା ବୃଦ୍ଧି ତଥା ଅଧ୍ୟୟନକୁ ୟୁଜେନିକ୍ସ କୁହାଯାଏ ।
- ଭାରତ ପୃଥିବୀର ମାତ୍ର ୨.୪% ପ୍ରତିଶତ ସ୍ଥଳଭାଗରେ ଅବସ୍ଥିତ ।
- ଉପଗ୍ରହ ତଥ୍ୟ ଅନୁଯାୟୀ ଭାରତରେ ଥିବା ଜଙ୍ଗଲ କ୍ଷୟ ହେବାରେ ଲାଗିଛି ।
- ଆମ ଦେଶରେ ସବୁଠାରୁ ଅଧିକ ଜଙ୍ଗଲ ଅଞ୍ଚଳ ମଧ୍ୟପ୍ରଦେଶରେ ରହିଛି ।
- ଯୁବା ହାତୀ ସେମାନଙ୍କ ଲମ୍ୱା ନାକକୁ ମଣିଷଙ୍କ ଭଳି ସୁଁ ସୁଁ କରନ୍ତି । ଏଭଳି କରି ସେମାନେ ଆରାମ ପାଆନ୍ତି ।
- ହାତୀ ଚର୍ମର ମୋଟେଇ ଏକ ଇଞ୍ଚ ।
- ହାତୀମାନେ ପରସ୍ପର ସହ ଯୋଗାଯୋଗ ରକ୍ଷା କରିବା ପାଇଁ ଭୂଇଁରେ ପାଦ କଚାଡି ଏକ ପ୍ରକାର ଶବ୍ଦ ତରଙ୍ଗ ସୃଷ୍ଟି କରନ୍ତି ।
- ହାତୀଗୋଠରୁ କୌଣସି ହାତୀ ହଜିଗଲେ କି ମରିଗଲେ ଏମାନେ ନିଜ ଭିତରେ ସମାଧୀ ଉତ୍ସବ ପାଳନ କରନ୍ତି । ଗୋଟିଏ ଜାଗାରେ ଏକତ୍ର ଘଣ୍ଟା ଘଣ୍ଟା ଧରି ନିରବରେ ଠିଆ ହୋଇ ରହନ୍ତି ।
- ଗୋଟିଏ ହାତୀ ପ୍ରତ୍ୟେକ ଦିନ ୧୫୦ କି.ଗ୍ରା ତାଳପତ୍ର ଖାଇଥାଏ ।
- ହାତୀର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ୬ ରୁ ୭ ଥର ଦାନ୍ତ ଉଠିଥାଏ । ନିଜକୁ ଶୀତଳ ରଖିବା ପାଇଁ ହାତୀ କାନ ହଲାଇଥାଏ ।

# ଓଜନ କମାଏ ସକାଳର ପେଟପୁରା ଜଳଖିଆ

ଯେଉଁ ଲୋକମାନେ ସକାଳୁ ପେଟପୁରା ଜଳଖିଆ ଖାଇ କାର୍ଯ୍ୟ ଆରମ୍ଭ କରନ୍ତି ସେମାନଙ୍କ ଓଜନ କମିବା ସମ୍ଭାବନା ଅଧିକ । ବୈଜ୍ଞାନିକଙ୍କ କହିବାନୁଯାୟୀ, ଜଣେ ବୟସ୍କ ବ୍ୟକ୍ତି ସନ୍ତୋଷଜନକ ଜଳଖିଆ ଖାଇବା ସହିତ ହାଲୁକା ରାତ୍ରିଭୋଜନ ଖାଇବାଉଚିତ । ୫୦,୦୦୦ ଲୋକଙ୍କ ଉପରେ ଏକ ଅଧ୍ୟୟନ କରି ଜଣାଯାଇଛି ଯେ, ଯେଉଁ ବ୍ୟକ୍ତିମାନେ ଦିନବେଳା ଜଳଖିଆକୁ ମୁଖ୍ୟ ଆହାର କରିଥାଆନ୍ତି ସେମାନଙ୍କର ବଡି ମାସ୍ ଇଣ୍ଡେକ୍ସ ବିଳମ୍ୱରେ ଜଳଖିଆ ଖାଉଥିବା ଲୋକଙ୍କ ଅପେକ୍ଷା ଅପେକ୍ଷାକୃତ କମ୍ । ଆମେରିକାସ୍ଥିତ ଲୋମା ଲିଣ୍ଡା ୟୁନିଭର୍ସିଟି ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥର ଗବେଷକମାନେ ପୁଣି ଜାଣିବାକୁ ପାଇଛନ୍ତି ଯେ, ଦିନର



ମୁଖ୍ୟଭୋଜନ ଏବଂ ଜଳଖିଆ ଖାଇବା ମଧ୍ୟରେ ଅଧିକ ସମୟର ବ୍ୟବଧାନ ରହିଲେ ଏହା ବିଏମଆଇକୁ ହ୍ରାସ କରାଇଥାଏ । ଅଧିକ ଜଳଖିଆ ଖାଇବା ଦ୍ୱାରା ବିଶେଷକରି ମିଠା ଏବଂ ସ୍ନେହସାର ଜାତୀୟ ଖାଦ୍ୟ ପ୍ରତି ଲୋଭହ୍ରାସ ପାଇଥାଏ । ଏହା ଓଜନ ବୃଦ୍ଧି କରାଇ ଦେଇ ନ ଥାଏ ବୋଲି ନ୍ୟୁଟ୍ରିଶନ ଜର୍ନାଲରେ ପ୍ରକାଶିତ ଅଧ୍ୟୟନର ପ୍ରମୁଖ ଲେଖକ ହାନା କାଲେଓଭା ପ୍ରକାଶ କରିଛନ୍ତି ।

ନିୟମିତ ସକାଳେ ଜଳଖିଆ ଖାଇବା ଦ୍ୱାରା ସନ୍ତୋଷ ବୃଦ୍ଧି ପାଇବା ସହିତ ରକ୍ତରେ ଲିପିଡ ହ୍ରାସ ପାଇଥାଏ । ଇନସୁଲିନ୍ ସମ୍ବେଦନଶୀଳତା ଏବଂ ରକ୍ତରେ ଶର୍କରା ସହନଶୀଳତା ବୃଦ୍ଧି ପାଇଥାଏ ବୋଲି କାଲିଓଭା ପ୍ରକାଶ କରିଛନ୍ତି । ଅପରପକ୍ଷରେ ସନ୍ଧ୍ୟା ସମୟରେ ମୁଖ୍ୟ ଭୋଜନ ଖାଇଲେ ଶରୀରର ବିଏମଆଇ ଏବଂ ଓଜନ ବୃଦ୍ଧି ପାଇଥାଏ । ଏହା ମୋଟା ଶରୀର ପ୍ରତି ପ୍ରତିକୂଳ ପ୍ରଭାବ ପକାଇଥାଏ । ତେଣୁ ଜଣେ ମୋଟା ଲୋକ ସକାଳ ଜଳଖିଆ ଓ ମଧ୍ୟାହ୍ନ ଭୋଜନ ଖାଇବା ସହିତ ରାତ୍ରିଭୋଜନ ଏବଂ ସ୍ନାକ୍ସ ଏଡାଇବା ଉଚିତ । ସକାଳ ଜଳଖିଆ ଦିନର ମୁଖ୍ୟ ଆହାର ହେବା ସହିତ ରାତିବେଳା ପାଖାପାଖି ୮ ଘଣ୍ଟା ପେଟ ଖାଲି ରହିବା ଆବଶ୍ୟକ ।

# ଯନ୍ତ୍ରଣା ଲାଘବ କରିବ ହେଙ୍ଗୁ



ହେଙ୍ଗୁରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି । ଆମ ସ୍ୱାସ୍ଥ୍ୟ ପାଇଁ ଏହାର ମହତ୍ତ୍ୱ ମଧ ଅଛି । ଶରୀରର ବାହ୍ୟ ଅଙ୍ଗରେ ଯନ୍ତ୍ରଣା ହେଉଥିଲେ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ସେହି ସ୍ଥାନରେ ମାଲିସ କରନ୍ତୁ । ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ । ଖାସ୍ କଥା ହେଲା ନିୟମିତ ହେଙ୍ଗୁ ଖାଇଲେ ଶରୀରରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ । ଅଳ୍ପ ପାଣିରେ ଚିମୁଟାଏ ହେଙ୍ଗୁ ଏବଂ ଅଳ୍ପ ଖାଇବା ସୋଡ଼ା ମିଶାଇ ପିଇଲେ କଫଜନିତ ସମସ୍ୟା ଦୂର ହୋଇଥାଏ । ଦାନ୍ତ ଦରଜ ଏବଂ ବିନ୍ଧାରୁ ହେଙ୍ଗୁ କେତେକାଂଶରେ ଉପଶମ ଦେଇଥାଏ । ଏସିଡିଟିରୁ ହେଙ୍ଗୁ କେତେକାଂଶରେ ଆରାମ ଦେଇଥାଏ । ହେଙ୍ଗୁରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି । ଏହାକୁ ଖାଇଲେ ତାହା ମୁଣ୍ଡବିନ୍ଧାରୁ କେତେକାଂଶରେ ଆରାମ ଦେଇଥାଏ । ଏହା ଶରୀରରେ ମେଟାବୋଲିଜିମ ଏବଂ କୋଲେଷ୍ଟରଲ ସ୍ତରକୁ ସନ୍ତୁଳିତ ରଖେ । ହେଙ୍ଗୁ ମଧ ଓଜନ କମାଇବାରେ ସହାୟକ ହୋଇଥାଏ ।

# ଗୁଣକାରୀ ପଇଡ଼ପାଣି

ସକାଳର ଆରମ୍ଭ ଯଦି ଚା'ରୁ କରୁଛନ୍ତି ତେବେ ଏଥିରେ ସାମାନ୍ୟ ପରିବର୍ତ୍ତନ କରି ପଇଡ଼ପାଣିକୁ ସ୍ଥାନିତ କରନ୍ତୁ । କାରଣ ବିଶେଷଜ୍ଞଙ୍କ ଅନୁସାରେ, ସକାଳ ସମୟରେ ପଇଡ଼ ପାଣିର ସେବନ ଅଧିକ ଫାଇଦା ଦେଇଥାଏ । ପଇଡ଼ ପାଣିରେ ଆଣ୍ଟିଅକ୍ସିଡାଣ୍ଟ,



ଆମିନୋ ଏସିଡ୍, ଏନଜାଇମ୍, ବି କମ୍ପ୍ଲେକ୍ସ, ଭିଟାମିନ୍, କାର୍ବୋହାଇଡ୍ରେଟ୍, ପଟାସିୟମ୍ ଏବଂ ମାଗ୍ନେସିୟମ ପ୍ରଚୁର ମାତ୍ରାରେ ରହିଛି । ଏସବୁ ତତ୍ତ୍ୱ ଗ୍ୟାସ, ବଦହଜମୀ, ଓଜନ ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ମୁଣ୍ଡବିନ୍ଧା ଏବଂ ହ୍ୟାଙ୍ଗଓଭର୍ ଭଳି ସମସ୍ୟାର ଉପଶମ କରିଥାଏ । ଖରାଦିନେ ପଇଡ଼ ପାଣିର ଚାହିଦା ଅଧିକ ଥାଏ । ନିୟମିତ ସକାଳୁ ଏହାର ସେବନ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି କରିଥାଏ ।

# କଞ୍ଚା କଦଳୀର ବିଶେଷ ଲାଭ

କଞ୍ଚା କଦଳୀ ପାଚିଲା କଦଳୀ ଠାରୁ ଶରୀରପ୍ରତି ଅଧିକ ଲାଭଦାୟକ ? କଞ୍ଚା କଦଳୀରେ ଥିବା ଭିଟାମିନ୍ ବି-୬ ଏବଂ ଭିଟାମିନ ସି' ଶରୀରର କୋଷିକାଗୁଡିକୁ ପୋଷଣ ଦେଇଥାଏ । କୋଷ୍ଠକାଠିନ୍ୟର ସମସ୍ୟା ଦୂର କରିବାକୁ ଚାହୁଁଥିଲେ କଞ୍ଚା କଦଳୀ ଖାଇବା ଆରମ୍ଭ କରି ଦିଅନ୍ତୁ । ଏଥିରେ ଥିବା ଷ୍ଟାର୍ଚ ଏବଂ ଫାଇବର ପେଟକୁ ସଫା କରିଥାଏ । ଏଥିରେ କ୍ୟାଲସିୟମ୍ ପରିମାଣ ଅଧିକ ଥିବାରୁ ଏହା ହାଡକୁ ଶକ୍ତ ରଖିବା ସହ ମଧୁମେହ ରୋଗକୁ ମଧ ନିୟନ୍ତ୍ରିତ ରଖିଥାଏ ।



# କହିପାରିବେ କି ?

(୧) ବେକିଙ୍ଗ ସୋଡ଼ାର କେମିକାଲ ନାମ କ'ଣ ?
(୨) କାହାକୁ ହ୍ୱାଇଟ୍ ପଏଜନ୍ କୁହାଯାଏ ?
(୩) କେଉଁ ଭିଟାମିନ୍ 'ରେଟିନଲ' ନାଁରେ ପରିଚିତ ?
(୪) କିଏ ଜଏଣ୍ଟ ପୋଲାର ସାଟେଲାଇଟ୍ ସିଷ୍ଟମ-୧ କୁ କ୍ଷେପଣ କରିଥିଲା ?
(୫) ରୋବଟକୁ ନାଗରିକତା ପ୍ରଦାନ କରିବାରେ ବିଶ୍ୱର କେଉଁ ଦେଶ ପ୍ରଥମ ଦେଶ ?
(୬) ଖାଦ୍ୟନଳୀର ଦ୍ୱାରକୁ କ'ଣ କୁହାଯାଏ ?
(୭) ଶ୍ୱସନ ଅଙ୍ଗ ଦୃଷ୍ଟିରୁ କେଉଁ ଜୀବ ଅନ୍ୟମାନଙ୍କ ଠାରୁ ଭିନ୍ନ ?
(୮) ଜଣେ ସୁସ୍ଥ ବ୍ୟକ୍ତିର ପ୍ରଶ୍ୱାସ ଓ ନିଃଶ୍ୱାସର ହାର ମିନିଟ୍‌କୁ ପ୍ରାୟ କେତେ ଥର ଅଟେ ?
(୯) ଗୋଟିଏ ଗ୍ଲୁକୋଜ ଅଣୁରୁ ବାୟୁ ଉପଜୀବୀ ଶ୍ୱସନରେ କେତୋଟି ଏଟିପି ଅଣୁ ଜାତ ହୁଏ ?
(୧୦) ଲୋହିତ ରକ୍ତକଣିକାର ଆବରଣରେ ଥିବା ପ୍ରୋଟିନ୍‌କୁ କ'ଣ କୁହାଯାଏ ?

## JUMBLE WORDS

| | | | |
|---|---|---|---|
| 1) TGURET | = | 6) BAFULI | = |
| 2) PCAAEL | = | 7) CALOK | = |
| 3) FYATF | = | 8) BILIA | = |
| 4) YSZET | = | 9) SIYETF | = |
| 5) ZPLUEZ | = | 10) EARPAP | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ବାରବାଦସ ଚେରି, ୨.ସରୋସିସ୍, ୩.ଗୁରମାର, ୪.କିରଣ ମଜୁମଦାର ସ', ୫.ବେଙ୍ଗାଲୁରୁ, ୬.ଦ୍ୱିତୀୟ, ୭.ଗୁଜରାଟ, ୮.ଇନ୍ଦିରା ଗାନ୍ଧୀ କେନାଲ, ୯.ଆରବିକା ଏବଂ ରୋବୁଷ୍ଟା, ୧୦. ଅକ୍ଟୋବର- ନଭେମ୍ବର

***Jumble Words*** **ର ଉତ୍ତର :-**

(1) WHEAT (2) KNIFE (3) LAWYER (4) VNJUST (5) SHRUG
(6) ELUDE (7) WEAKEN (8) LIKELY (9) WHIRL (10) BISON

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ସୋନପୁର : ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପ୍ରତିଷ୍ଠାନର ସହଯୋଗରେ ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅତିରିକ୍ତ ଜିଲ୍ଲାପାଳ ନିଶି ପୁନମ ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ମୋଟ ୧୨୮ ଶିଶୁ ପ୍ରତିଯୋଗୀ ଅଂଶ ଗ୍ରହଣ କରି ଚିତ୍ର ଅଙ୍କନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ନୀଳାମ୍ବର ଶତପଥି, ଶିଶୁ ମଙ୍ଗଳ କମିଟି ସଦସ୍ୟ ରଞ୍ଜିତା ସାହୁ ଯୋଗଦାନ କରି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ମୋନାଲିସା ପରମଗୁରୁ ସଭା ପରିଚାଳନା କରିଥିଲେ । ସୁରେନ୍ଦ୍ର ମେହେର, ଶ୍ୟାମ ସୁନ୍ଦର ମେହେର, ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ଚାଇଲ୍ଡ ଲାଇନର ସୁଦାମ ଗାଲଗରିଆ, ଆନନ୍ଦିନୀ ପାଣିଗ୍ରାହୀ, ଶିଶୁ ଗୃହର ସୁଜାତା ବେହେରା, ଶିଶୁ ସୁରକ୍ଷା ବିଭାଗର ରୁଦ୍ର ପ୍ରସନ୍ନ ମିଶ୍ର, ସ୍ୱାଗତରାଜ ମିଶ୍ର, ବିଶ୍ୱେଶ୍ୱର ହୋତା, କେଶବ ଚନ୍ଦ୍ର ମେହେର ପରିଚାଳନା କରିଥିଲେ ।

## ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଟ୍ରଷ୍ଟ ପକ୍ଷରୁ ଶିକ୍ଷା ଓ ଚିକିତ୍ସା ସହାୟତା

ସମ୍ବଲପୁର : ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର୍ ଟ୍ରଷ୍ଟ ପକ୍ଷରୁ ଉଚ୍ଚଶିକ୍ଷା ପାଇଁ ୪ ଜଣ ଛାତ୍ରଛାତ୍ରୀ ଏବଂ ଚିକିତ୍ସା ପାଇଁ ଜଣେ ଶିଶୁଙ୍କ ସମେତ ୩ ଜଣଙ୍କୁ ୬୮ ହଜାର ୧୫୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଉଚ୍ଚଶିକ୍ଷା ଜାରି ରଖିବା ପାଇଁ ଛାତ୍ରଛାତ୍ରୀ ସୁରଜ ଗର୍ଡ଼ିଆଙ୍କୁ ୫ ହଜାର ୧୫୦ ଟଙ୍କା, ପୂଜା ପାଣିଗ୍ରାହୀଙ୍କୁ ୬ ହଜାର ଟଙ୍କା, ମିଲି ସେଠଙ୍କୁ ୮ ହଜାର ଟଙ୍କା, କବିତା ବଡ଼ାଇଙ୍କୁ ୮ ହଜାର ଏବଂ ଅଙ୍କିତା ମେହେରଙ୍କୁ ୬ ହଜାର ଟଙ୍କା ସହାୟତା ଦିଆଯାଇଛି । ଏହାସହିତ ପୂଜା, ମିଲି ଓ କବିତାଙ୍କୁ ଆସନ୍ତା ୬ ମାସ ଯାଏ ମାସିକ ୩ ହଜାର ଟଙ୍କା ଲେଖାଏଁ ସହାୟତା ମଞ୍ଜୁର କରାଯାଇଛି । ସେହିପରି ଚିକିତ୍ସା ପାଇଁ ରେଶ୍ମା କୌଶଲ ଓ ସନ୍ତୋଷିନୀ ସର୍ଭଙ୍ଗଙ୍କୁ ୧୦ ହଜାର୍ ଟଙ୍କା ଲେଖାଏଁ ଏବଂ ମନୋଜ ମିଶ୍ରଙ୍କୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି ।



## ଗୋପୀନାଥ ଷଡ଼ଙ୍ଗୀଙ୍କ ୩୯୭ ତମ ଜୟନ୍ତୀ

ସମ୍ବଲପୁର : ରାଜବୈଦ୍ୟ ସ୍ମୃତି ସମିତି ପକ୍ଷରୁ ବିଶିଷ୍ଟ ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ୩୯୭ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଶ୍ରୀ ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି, ବିଶିଷ୍ଟ ଆୟୁର୍ବେଦାଚାର୍ଯ୍ୟ ଡ. ବିଭୁଦତ୍ତ ପ୍ରମୋଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ରାଜବୈଦ୍ୟ ସ୍ମୃତି ସମିତିର ସମ୍ପାଦକ ଜନ୍ମେଜୟ ବାବୁ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଜୟନ୍ତୀ ସଭାରେ ଅରବିନ୍ଦ ମହାପାତ୍ର, ଶଶାଙ୍କ ଶେଖର ନନ୍ଦ, ଦିଲ୍ଲୀପ ପୃଷ୍ଟି, ଲକ୍ଷ୍ମୀ ନାରାୟଣ ପଣ୍ଡା, ବିଭୂତି ଭୂଷଣ ମିଶ୍ର, ଶଙ୍କର୍ଷଣ ଆଚାର୍ଯ୍ୟ, ଗୋପୀନାଥ ଷଡଙ୍ଗୀ ପ୍ରମୁଖ ଯୋଗଦାନ କରି ରାଜବୈଦ୍ୟଙ୍କ ସ୍ଥାୟୀ ସ୍ମୃତି ରକ୍ଷା କରି ପାରିଲେ ତାଙ୍କ ପ୍ରତି ଆମେ ପ୍ରକୃତ ସମ୍ମାନ ଦେଇ ପାରିବା ବୋଲି କହିଥିଲେ । ଶେଷରେ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଶ୍ରୀମଦ୍‌ଭଗବଦ୍ ଗୀତା ଜୟନ୍ତୀ

ବିନିକା: ସ୍ଥାନୀୟ ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଶ୍ରୀମଦ୍‌ଭଗବଦ୍ ଗୀତା ଜୟନ୍ତୀ



ପାଳିତ ହୋଇଯାଇଛି । କଲେଜର ଅଧକ୍ଷ ଡକ୍ଟର ଧିରେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଶ୍ରୀ ବାଣୀପ୍ରସାଦ ବିଶ୍ୱାଳ ମୁଖ୍ୟ ଅତିଥି, ସିଦ୍ଧାର୍ଥ କନିଷ୍ଠ ବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ନିରଞ୍ଜନ ପାଣ୍ଡିଆ ମୁଖ୍ୟବକ୍ତା, ରାଜନୀତି ବିଭାଗର ଅଧ୍ୟାପକ ଶ୍ରୀ ରୁଦ୍ରନାରାୟଣ ଦାସ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ । ସଂସ୍କୃତ ବିଭାଗର ମୁଖ୍ୟ ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ସଭା କାର୍ଯ୍ୟ ପରିଚାଳନା ଓ ବେଦ ପାଠ କରିଥିଲେ । ଶ୍ରୀ ଅଚ୍ୟୁତାନନ୍ଦ ସାହୁ, ପ୍ରଶାନ୍ତ ନାୟକ, ସୁନିତା ମହାକୁର ହିମାଦ୍ରୀ ଭୋଇ ତଥା ସଂସ୍କୃତ ବିଭାଗର ସମସ୍ତ ଛାତ୍ର ଛାତ୍ରୀ ମାନେ ସଭା ପ୍ରାରମ୍ଭରେ ଶ୍ରୀମଭାଗବଦ୍ ଗୀତା ର ପ୍ରଥମ ଅଧାୟ ପାଠ କରିଥିଲେ । ପରିଶେଷରେ ସଂସ୍କୃତ ବିଭାଗର କନିଷ୍ଠ ଅଧାପକ ସାଧୁ ରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଅଧାପକ ଶ୍ରୀ ବିଶ୍ୱନାଥ ମିଶ୍ର, ମାନସ ରଞ୍ଜନ ମିଶ୍ର, ଭଗବାନ ସାହୁ, ଅଧାପିକା ମିତାଲୀ ପ୍ରଧାନ, ଦିପ୍ତୀ ସ୍ୱାଇଁ, ବିଘ୍ନେଶ୍ୱରୀ ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଏମ୍‌ୟୁରେ ଛାତ୍ର ଅନୁକରଣ କାର୍ଯ୍ୟକ୍ରମ



ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ର ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ଛାତ୍ର ଅନୁକରଣ ଓ ଆଭିମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ପ୍ରବନ୍ଧନ ସଂସ୍ଥାନ(ଆଇଆଇଏମ୍) ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ମହାଦେବ ଜୟସ୍ୱାଲ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ନବସୃଜନ ଓ ଉଦ୍ୟୋଗ ସମ୍ପର୍କରେ ପରାମର୍ଶ ଦେବା ସହ ଅର୍ଥନୀତିର ବିକାଶ ଓ ପ୍ରଗତି ବିଷୟରେ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ଉପ-କୁଳସଚିବ ଡକ୍ଟର ଉମାଚରଣ ପତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ଡକ୍ଟର ଶ୍ରୀନିବାସ ଦାସଙ୍କ ସହ ବିଭାଗର ଅଧାପକ-ଅଧାପିକା, ଏମ୍‌ବିଏ ଓ ଏମ୍‌ବିଏ (ଏଫ୍ ଏମ୍)ର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅଧାପିକା ଶିବାନୀ ଶର୍ମା ଧନ୍ୟବାଦ ଦେଇଥିଲେ ।

## ପଣ୍ଡରୀରେ ମାର୍ଗଶିର ମହୋତ୍ସବ ଉଦ୍‌ଯାପିତ

ଝାରସୁଗୁଡ଼ା : ଲଖନପୁର ବ୍ଲକର ପଣ୍ଡରୀ ଗ୍ରାମରେ ଏକାଦଶ ମାର୍ଗଶିର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଶ୍ରୀ ଭଗବାନ ପଶାୟତଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ତଥା ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ଓ କୀର୍ତ୍ତନ ପରିଷଦର ଯୁଗ୍ମ ସଂପାଦକ ମାନଭଞ୍ଜନ ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଆନନ୍ଦ ସାହୁ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିବା ବେଳେ ରୋହିତେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଓ ସଚ୍ଚିଦାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗ୍ରାମରେ ପ୍ରଭାତ ଫେରି, କୀର୍ତ୍ତନ ପରିବେଷଣ ଓ ନଗରକୀର୍ତ୍ତନର ଆୟୋଜନ କରାଯାଇଥିଲା ।

## ପ୍ରଶାନ୍ତ ପାଢୀ ସମ୍ବଲପୁର ଶିଶୁ କଲ୍ୟାଣ ସମିତିର ଅଧକ୍ଷ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷ ରୂପେ ବିଶିଷ୍ଟ ଶ୍ରମିକ ନେତା, ସମାଜସେବୀ ଶ୍ରୀ ପ୍ରଶାନ୍ତ କୁମାର ପାଢ଼ୀ ନିଯୁକ୍ତ ହୋଇଛନ୍ତି । ଶ୍ରୀ ପାଢୀ ପୂର୍ବରୁ କିଶୋର ନ୍ୟାୟ ବୋର୍ଡର ସଦସ୍ୟ ରୂପେ ୭ ବର୍ଷ କାର୍ଯ୍ୟ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ଅନୁଷ୍ଠିତ ଅନେକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଆଇନ ସେବା ଯୋଗାଇଦେବା, ସାମାଜିକ କାର୍ଯ୍ୟ, ସାମ୍ବାଦିକତା, ଶ୍ରମିକ ସଙ୍ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିଜ୍ଞତା ରହିଛି । ପୂର୍ବରୁ ରାଜ୍ୟ ସରକାରଙ୍କ ରାଜ୍ୟ ଶ୍ରମ ସଂସ୍ଥାର ନିର୍ଦ୍ଦେଶକ, ଶ୍ରମ ଉପଦେଷ୍ଟା ପରିଷଦ, ସର୍ବନିମ୍ନ ମଜୁରୀ ବୋର୍ଡ, ଶିଶୁ ଶ୍ରମିକ ଉପଦେଷ୍ଟା ପରିଷଦ, ପୂର୍ବ ତଟ ରେଲ ଉପଦେଷ୍ଟା ସମିତିର ସଦସ୍ୟ ରହିଛନ୍ତି ।

## ରେଙ୍ଗାଲି ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ସମ୍ବଲପୁର : ଜିଲ୍ଲାପାଳ ଅନନ୍ୟା ଦାସ ରେଙ୍ଗାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ସେ ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍ ରୁମ୍ ଦେଖିବା ସହ ଛାତ୍ରଛାତ୍ରୀଙ୍କ ସହ କଥା ହୋଇଥିଲେ । ବିଦ୍ୟାଳୟରେ ୨ଟି ସ୍ମାର୍ଟ କ୍ଲାସ ଚାଲୁଥିବାରୁ ଏକାଦଶ ଛାତ୍ରଛାତ୍ରୀଙ୍କ ପାଇଁ ଆଉ ଗୋଟିଏ ସ୍ମାର୍ଟ କ୍ଲାସ୍‌ର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

## ଜିଲ୍ଲା ଅନ୍ତର୍ନିବେଶୀ ସାଧନା କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର : ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବୁଢ଼ାରଜାସ୍ଥିତ ଜିଲ୍ଲା ଅନ୍ତର୍ନିବେଶୀ



ସାଧନା କେନ୍ଦ୍ରକୁ ଜିଲ୍ଲାପାଳ ଅନନ୍ୟା ଦାସ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ଲୋକାର୍ପିତ କରିଛନ୍ତି । ସମଗ୍ର ଶିକ୍ଷା ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ଜିଲ୍ଲା ସାଧନା କେନ୍ଦ୍ର ଜିଲ୍ଲାର ସମସ୍ତ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ଏକକ ସାଧନା କେନ୍ଦ୍ର ରୂପେ କାର୍ଯ୍ୟ କରିବ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ୪ ଜଣଙ୍କୁ ହ୍ୱିଲ୍ ଚେୟାର, ୬ ଜଣଙ୍କୁ ଶ୍ରବଣ ଯନ୍ତ୍ର, ଜଣଙ୍କୁ ହ୍ୱିଲ୍ ଚେୟାର ସହିତ ବିଭିନ୍ନ ଉପକରଣ ପ୍ରଦାନ କରାଯାଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଓ ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ ଅରୁଣ କୁମାର ଦାସ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ଦାସ, ପ୍ରଣତୀ ମିଶ୍ର, ପୂଜାର୍ଚ୍ଚନା ମହାପାତ୍ର, ରବିନାରାୟଣ ସାହୁ, ପୁରୁଷୋତ୍ତମ ପ୍ରହରାଜ, ଆଲୋକ ଜ୍ୟୋତିଷୀ ଓ ଅନିତା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement - 100% Extra | | |

# ସମ୍ବଲପୁରରେ ଓଡ଼ିଶା କମର୍ସ ଏସୋସିଏସନର ୪୨ତମ ବାର୍ଷିକ ସମ୍ମିଳନୀ






ସମ୍ବଲପୁର : ଓଡ଼ିଶା କମର୍ସ ଏସୋସିଏସନର ୪୨ତମ ବାର୍ଷିକ ସମ୍ମିଳନୀ ଉଚ୍ଚଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି । ଏସୋସିଏସନର ସଭାପତି ଶ୍ରୀ ନରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅହମ୍ମଦାବାଦର ଏଣ୍ଟ୍ରିପ୍ରିନ୍ୟୁୟରସିପ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଡକ୍ଟର ସୁନୀଲ ଶୁକ୍ଲା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ମିଳନୀର ସମ୍ପାଦକ ତଥା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାଶ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଓଡ଼ିଶା ଜର୍ଣ୍ଣାଲ ଅଫ୍ କମର୍ସର ପରିଚାଳନା ସଂପାଦକ ପ୍ରଫେସର ମଳୟ କୁମାର ମହାନ୍ତି ଏସୋସିଏସନ୍ ସଂପର୍କରେ ସୂଚନା ଦେଇଥିବା ବେଳେ ଏସୋସିଏସନ୍‌ର ସାଧାରଣ ସଂପାଦକ ଡକ୍ଟର ଏସ୍.ଏ ତାହିର୍ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପ୍ରକାଶିତ ସ୍ମରଣିକା ଏବଂ ପ୍ରଫେସର ଏ.କେ ଦାସ ମହାପାତ୍ରଙ୍କ ଲିଖିତ ଏକ ପୁସ୍ତକକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଉନ୍ମୋଚନ କରିଥିଲେ । ଉତ୍ସବରେ ପ୍ରଫେସର ଅଯୋଧା ପ୍ରସାଦ ନାୟକ, ପ୍ରଫେସର ଜଗନ୍ନାଥ ପଣ୍ଡାଙ୍କୁ ଜୀବନ ବ୍ୟାପୀ ସାଧନା ପୁରସ୍କାର ଦିଆଯାଇଥିବା ବେଳେ ପ୍ରଫେସର ଏ.କେ. ଦାସ ମହାପାତ୍ରଙ୍କୁ ଏକାଡେମୀ ଲିଡ଼ରସିପ୍ ଏୱାର୍ଡରେ ସମ୍ମାନିତ କରାଯାଇଥିଲା । ସମ୍ମିଳନୀର ପରିଚାଳନା ସଂପାଦକ ତଥା ନେତାଜୀ ସୁବାଷ ବୋଷ କଲେଜର ଅଧ୍ୟକ୍ଷା ଡକ୍ଟର ସିକତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଦ୍ୱିତୀୟ ଅଧିବେଶନରେ ଆୟୋଜିତ 'ଡେମୋଗ୍ରାଫିକ୍ ଡିଭିଡେଣ୍ଟ ଏଣ୍ଡ ଓଡ଼ିଶା ଇନ୍ ୨୦୩୬' ଶୀର୍ଷକ ଆଲୋଚନାଚକ୍ରରେ ଝାରଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କେ.ବି ଦାଶ, ସମ୍ବଲପୁର ଆଇ.ଆଇ.ଏମ୍‌ର ପ୍ରଫେସର ମହାଦେବ ଜୟସ୍ୱାଲ, ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ, ଭାରତ ସରକାରଙ୍କ ଏନ୍.ଆର୍.ଡି.ସି. ର ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ଡକ୍ଟର ବିଜୟ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।








## ସ୍ନେହଲତା ପତିଙ୍କ ପରଲୋକ

ସମ୍ବଲପୁର : ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ପତିଙ୍କ ପତ୍ନୀ ସ୍ନେହଲତା ପତି(୯୩)ଙ୍କର ଭୁବନେଶ୍ୱରର ଶ୍ରୀ ହସ୍ପିଟାଲରେ ପରଲୋକ ହୋଇଯାଇଛି । ଶେଷ ଜୀବନରେ ଭୁବନେଶ୍ୱର ବିଜେବି ନଗର ବାସଭବନରେ ଅବସ୍ଥାନ କରୁଥିବା ସ୍ନେହଲତା ୩ ଦିନ ପୂର୍ବରୁ ବାର୍ଦ୍ଧକ୍ୟଜନିତ



ଅସୁସ୍ଥତା କାରଣରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ୪ ପୁଅ ଷ୍ଟେଟ ବ୍ୟାଙ୍କର ଅବସରପ୍ରାପ୍ତ ଉପ-ମହାପ୍ରବନ୍ଧକ ଈଶ୍ୱର ପ୍ରସାଦ ପତି, ଇଞ୍ଜିନିୟର ରାଜକିଶୋର ପତି, ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ଼ର ଅବସରପ୍ରାପ୍ତ କାର୍ମିକ ନିର୍ଦ୍ଦେଶକ ହିମାଂଶୁ ଶେଖର ପତି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଆଶିଷ ପତିଙ୍କ ସମେତ ବୋହୂ ସବିତା, ସରିତା ଓ ଜୟଶ୍ରୀ, ନାତିନାତୁଣି ଓ ଆତ୍ମୀୟ ପରିଜନ ଉପସ୍ଥିତ ଥିଲେ । ସ୍ନେହଲତା ଜଣେ ସୁଗୃହିଣୀ ହେବା ସହିତ ଧର୍ମପରାୟଣା ଓ ସମାଜସେବୀ ମଧ ଥିଲେ । ପ୍ରଫେସର ପ୍ରଫୁଲ୍ଲ ପତି ରେଭେନ୍ସା କଲେଜରେ ଅଧାପକ ଥିବାବେଳେ ସେଠାରେ ରମାଦେବୀଙ୍କ ସଂସ୍ପର୍ଶରେ ଆସି ସ୍ନେହଲତା ବିଭିନ୍ନ ସେବାମୂଳକ କାର୍ଯ୍ୟ କରୁଥିଲେ । ଭୁବନେଶ୍ୱର ସତ୍ୟନଗର ସ୍ଥିତ ଶ୍ମଶାନରେ ସ୍ନେହଲତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ବଡ଼ ପୁଅ ଈଶ୍ୱର ମୁଖାଗ୍ନି ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଶଂକର ପ୍ରସାଦ ପତି ତାଙ୍କ ପୁତୁରା ଅଟନ୍ତି ।

## ସମ୍ବଲପୁର ମାତା ମଠରେ ଗୀତା ଜୟନ୍ତୀ

ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡ଼ା ସ୍ଥିତ ମାତା ମଠ ଠାରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ମଠର ତତ୍ତ୍ୱାବଧାରିକା ପ୍ରମିଳା ବହିଦାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମୁହିକ ଗୀତାପାଠ ଏବଂ ଯଜ୍ଞର ଆୟୋଜନ କରାଯାଇଥିଲା । ଏଥିରେ ବୃନ୍ଦାବନର ମହାମଣ୍ଡଳେଶ୍ୱର ସଚ୍ଚିଦାନନ୍ଦ ଶାସ୍ତ୍ରୀ ଯୋଗ ଦେଇଥିଲେ ।



## ଏମ.ସି.ଏଲର ଟେଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମ




ଭୁବନେଶ୍ୱର : ମହାନଦୀ କୋଲଫିଲ୍ଡସ ଲିମିଟେଡ ତରଫରୁ ମେକ୍ ଇନ ଓଡ଼ିଶା କନକ୍ଲେଭର ଉଦଯାପନୀ ଉତ୍ସବରେ ଏମସିଏଲ ଉପରେ ଆଧାରିତ ବିଭିନ୍ନ ପ୍ରଶ୍ନକୁ ନେଇ ଏମସିଏଲ ଟେଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକ ଭାଗନେଇ ପୁରସ୍କାର ଜିତିଥିଲେ । ଏମ୍.ସି.ଏଲ ଭୁବନେଶ୍ୱର ଅଫିସର ମହାପ୍ରବନ୍ଧକ ଶ୍ରୀ ଜି.ଏସ.ଜଲି ସଠିକ ଉତ୍ତର ଦେଉଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟାଳୟ ଜନସଂପର୍କ ବିଭାଗର ଉପ ପ୍ରବନ୍ଧକ ବିନାୟକ ଜାମୱାଲ, ପ୍ରବନ୍ଧକ ୱା.ଇ.କେ. ସିଙ୍ଘା ପ୍ରମୁଖ ସହଯୋଗ କରିଥିଲେ । ଏମସିଏଲ ମୁଖ୍ୟାଳୟର ଜନସଂପର୍କ ବିଭାଗର ଚିତ୍ତ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


## ଶିଶିର କୁମାର ଭୋଇଙ୍କୁ ସମ୍ବର୍ଦ୍ଧନା



ସମ୍ବଲପୁର : ୨୦୨୧ ବର୍ଷର ଓଜେଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନୃସିଂହ ଗୁରୁ ଟାଉନ ହାଇସ୍କୁଲର ପୁରାତନ ଛାତ୍ର ଶିଶିର କୁମାର ଭୋଇଙ୍କୁ ସ୍କୁଲର ପୂର୍ବତନ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ମୁରଲୀଧର ବେହେରା ମୁଖ୍ୟଅତିଥି, ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂଘର ସଭାପତି ଡକ୍ଟର ପରେଶ ଚନ୍ଦ୍ର ଦାନୀ, ଅବସରପ୍ରାପ୍ତ ଶିକ୍ଷକ ଡକ୍ଟର ରାଜ କୁମାର ସାଣ୍ଡିଲ୍ୟ, ଶ୍ରୀମତୀ ଦୀପାଳିରାଣୀ ଚୌଧୁରୀ, ପୁରାତନ ଛାତ୍ର ଅଭିନାଶ ପାଣିଗ୍ରାହୀ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଭୂଜାତା ନନ୍ଦ ପ୍ରମୁଖ ଭାଷଣ ଦେଇ ଶ୍ରୀ ଭୋଇଙ୍କର ଉତ୍ତରୋତ୍ତର କାମନା କରିଥିଲେ । ଆରମ୍ଭରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ଶେଫାଳୀ ରାଣୀ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀମତୀ ସ୍ନିଗ୍ଧାଶ୍ରୀ ମିଶ୍ର ମାନପତ୍ର ପାଠ କରିଥିଲେ ।

ସେହିପରି ଲଜପତରାୟ ଆଇନ ମହାବିଦ୍ୟାଳୟରେ ଆୟୋଜିତ ଏକ ଉତ୍ସବରେ ମଧ ଶ୍ରୀ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜ ଅଧ୍ୟକ୍ଷ ଡକ୍ଟର ବିଜୟା ନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ପ୍ରଫେସର ସୁଧାଂଶୁ ରଞ୍ଜନ ମହାପାତ୍ର ଅତିଥି ରୂପେ ଯୋଗ ଦେଇଥିଲେ ।

## କୁତମୁଣ୍ଡାରେ ରକ୍ତଦାନ ଶିବିର



ବଲାଙ୍ଗୀର : କୁତମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଅନୁଷ୍ଠାନର ସଭାପତି ସଞ୍ଜୀବ ମେହେର ଏବଂ ସମ୍ପାଦକ ଭୋଲାରାମ କୁମ୍ଭାର ଶିବିରକୁ ପରିଚାଳନା କରିଥିଲେ । ଏହି ଅବସରରେ ପୂର୍ବତନ ସରପଞ୍ଚ ବନମାଳୀ ମେହେର ମୁଖ୍ୟ ଅତିଥି, ସମାଜ ସେବୀ ତେଜରାଜ ମେହେର, ପ୍ରଧାନ ଶିକ୍ଷକ କୁଳମଣି ମେହେର, ରେଡକ୍ରସ ପରାମର୍ଶ ଦାତା ଘନଶ୍ୟାମ ମେହେର, ଶରତ ନାଗ, ରେଡକ୍ରସ ପରାମର୍ଶଦାତା ରାମନାରାୟ ଦାସ, ପାଟଣାଗଡ଼ ଉପଖଣ୍ଡ ଡାକ୍ତରଖାନାର ବ୍ଲଡ଼୍ ବ୍ୟାଙ୍କ୍ ଅଫିସର ବୁଲା ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମେଡିକାଲ ଷ୍ଟାଫ ଏବଂ ଅନୁଷ୍ଠାନର ପ୍ରଶାନ୍ତ ସାହୁ, ପ୍ରହ୍ଲାଦ କୁମ୍ଭାର, ନରେଶ ଛତର, ଭଜନାଥ ଖୁଟୁଲା, ପରାଧୀନ ଦେହେରୀ, ଶିବ ପୁଟେଲ, ଅମିତ ମେହେର, ବିକାଶ ଥପା, କୁଞ୍ଜବନ ରଣା,ସୁଆଧିନ ଦେହେରୀ, ମନୋଜ ମେହେର, ପ୍ରହ୍ଲାଦ ଚନ୍ଦନ,ଅକ୍ଷୟ ନାଗ,ପ୍ରଦିପ ମେହେର, ଆକାଶ ସାହୁ, କୁନା ଧରୁଆ, କାହ୍ନା ମେହେର, ଅଭିଷେକ ନାଗ ସୁଶିଲ ମେହେର, ଧିରୋଜ ମେହେର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସ୍ୱରାଜ ବାବୁ ସମ୍ମାନିତ

ସମ୍ବଲପୁର : ସମ୍ବଲପୁରର ସ୍ୱରାଜ ବାବୁଙ୍କ 'ଚାର୍ଟାର୍ଡ ଏକାଉଣ୍ଟେଟ ମାନଙ୍କ ପହଞ୍ଚ ବାହାରେ ପହଞ୍ଚିବା ପାଇଁ ଭୂମିକା' ସମ୍ବନ୍ଧରେ ପ୍ରସ୍ତୁତ ସନ୍ଦର୍ଭ ଉପସ୍ଥାପନା ପାଇଁ ହାଇଦ୍ରାବାଦ ଠାରେ ଅନୁଷ୍ଠିତ



ଦି ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଏକାଉଣ୍ଟେଟ ଅଫ୍ ଇଣ୍ଡିଆ ଦ୍ୱାରା ଅନ୍ତର୍ଜାତୀୟ ଚାର୍ଟାର୍ଡ ଏକାଉଣ୍ଟେଟ ଛାତ୍ର ସମ୍ମିଳନୀରେ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀରେ ବିଭିନ୍ନ ଦେଶରୁ ୨୫୦୦ ପ୍ରତିନିଧି ଭାଗ ନେଇଥିଲେ । ଭାରତର ପୂର୍ବାଞ୍ଚଳରୁ ଶ୍ରୀ ବାବୁ ଏକ ମାତ୍ର ପ୍ରତିନିଧି ଥିଲେ । ଶ୍ରୀ ବାବୁ ହେଉଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ଭକ୍ତପ୍ରସାଦ ନନ୍ଦଙ୍କ ନାତି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra